THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର୍

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୩୦ ଅଗଷ୍ଟ ୨୦୨୬

**ମନୋରଞ୍ଜନ**

ଶେଷ ଅଙ୍କର ଶେଷେ ଯବନୀକା...ଯେବେ
ପଡ଼ିଯିବ ଫେରିଯିବି ଏକା



## ଓଡ଼ିଆ ସାହିତ୍ୟରେ ପଲ୍ଲୀକବି:

# ନନ୍ଦକିଶୋର ବନାମ୍ କୃଷ୍ଣପ୍ରସାଦ



## ଦିବ୍ୟ ଜନନୀ ସାରଦା (୫)

■ ମନୋଜ କୁମାର ମହାପାତ୍ର

# ଭୈରବୀ ବ୍ରାହ୍ମଣୀଙ୍କ ମୋହ ଭଙ୍ଗ



ସାରଦା ଯେତେବେଳେ ତେର ଚଉଦ ବର୍ଷର ବୋହୂଟିଏ ଥିଲେ ଭୈରବୀ ବ୍ରାହ୍ମଣୀ କାମାରପୁକୁରସ୍ଥ ଶ୍ରୀ ରାମକୃଷ୍ଣଙ୍କ ଗୃହରେ ଅବସ୍ଥାନ କରୁଥିଲେ। ଭୈରବୀ ବ୍ରାହ୍ମଣୀ ପୂର୍ବବଙ୍ଗ ରାଜ୍ୟର ଅଧିବାସୀ ହୋଇଥିବାରୁ ସେ ଅଧିକ ଲଙ୍କା ତରକାରି ଖାଇବାକୁ ପସନ୍ଦ କରନ୍ତି। ମଝିରେ ମଝିରେ ରାଗ ତରକାରି କରି ସେ ଲକ୍ଷ୍ମୀର ମା' ଓ ସାରଦାଙ୍କୁ ଖାଇବାକୁ ଦେବା ପରେ ସେମାନଙ୍କ ପ୍ରତିକ୍ରିୟା ଜାଣିବାକୁ ମଧ ଚାହାନ୍ତି। ଲକ୍ଷ୍ମୀଙ୍କ ମା' ତରକାରି ରାଗ ହେଉଥିବା ବିଷୟରେ କହୁଥିବା ବେଳେ ସାରଦା ନିରବ ରୁହନ୍ତି। କିନ୍ତୁ ଭୈରବୀ ବ୍ରାହ୍ମଣୀ ନିଜର ପ୍ରଶଂସା କରି ତାଙ୍କ ହାତରନ୍ଧା ତରକାରି ବେଶ୍ ସୁଆଦିଆ ହୋଇଛି ବୋଲି କହନ୍ତି।

ଦିନକର ଘଟଣା। ଭୈରବୀ ବ୍ରାହ୍ମଣୀ ବିଭିନ୍ନ ପ୍ରକାରର ଫୁଲ ଓ ଚନ୍ଦନ ଦେଇ ଶ୍ରୀ ଗୌରାଙ୍ଗଙ୍କ ରୂପରେ ଶ୍ରୀ ରାମକୃଷ୍ଣଙ୍କୁ ସଜାଇଥିଲେ। ତାଙ୍କୁ ସାକ୍ଷାତ ଶ୍ରୀ ଗୌରାଙ୍ଗଙ୍କ ରୂପରେ ଦର୍ଶନ କରନ୍ତି ଭୈରବୀ। ଇତ୍ୟବସରେ ସେ ସାରଦାଙ୍କୁ ଡ଼ାକି ଆଣି ମୋ ଗୌରାଙ୍ଗ କିପରି ସୁନ୍ଦର ଦେଖାଯାଉଛନ୍ତି ବୋଲି ଦେଖିବାକୁ କହିଥିଲେ। ପରେ ତୁମକୁ କିପରି ଦେଖାଯାଉଛନ୍ତି ବୋଲି ପ୍ରଶ୍ନ ପଚାରିଥିଲେ ସାରଦାଙ୍କୁ। ସାରଦା ଓଢ଼ଣା ତଳୁ ଶ୍ରୀ ରାମକୃଷ୍ଣଙ୍କୁ ଚାହିଁଲେ। କିନ୍ତୁ ସେତେବେଳେ ଶ୍ରୀ ରାମକୃଷ୍ଣ ଭାବ ସମାଧିରେ ଲୀନ ଥିଲେ। ସେ ମହାଭାବର ପ୍ଲାବନରେ ମଦମତ୍ତ ଥିବା ଭଳି ଦେଖାଯାଉଥିଲେ। ଏହା ଦେଖି ସାରଦା ଖୁବ୍ ଭୟଭୀତ ହୋଇଉଠିଲେ ଓ ସୁନ୍ଦର ଦେଖାଯାଉଛନ୍ତି ବୋଲି କହି ଦଣ୍ଡବତ କରି ସେଠାରୁ କ୍ଷୀପ୍ର ଗତିରେ ଚାଲିଗଲେ।

ସାରଦା ଥିଲେ ଖୁବ୍ ଲଜ୍ଜାଶୀଳା, ତେଣୁ ଭୈରବୀ ବ୍ରାହ୍ମଣୀଙ୍କ ସମାନ ଗୁରୁଜନଙ୍କ ସମ୍ମୁଖରେ ମସ୍ତକ ଉଠାଇ କଥା କୁହନ୍ତି ନାହିଁ। ତାଙ୍କ ପ୍ରତି ଭୟ ଓ ଭକ୍ତିଭାବ ରଖିଥିଲେ ମଧ ଭୈରବୀ, ସାରଦାଙ୍କୁ ଈର୍ଷା କରୁଥିଲେ। ଶ୍ରୀ ରାମକୃଷ୍ଣଙ୍କ ସହିତ ତାଙ୍କର ଅବାଧ ମିଳାମିଶାକୁ ସେ ଆଦୌ ସହ୍ୟ କରିପାରୁ ନଥିଲେ। ରାଗରେ ତମତମ ହୋଇଯାଉଥିଲେ। କିଛି କହିପାରୁ ନଥିଲେ ମଧ ନିଜ କ୍ରୋଧକୁ ରୋକିପାରୁ ନଥିଲେ ଓ ମୁକ୍ତ ଭାବରେ ଶ୍ରୀ ରାମକୃଷ୍ଣଙ୍କ ସହିତ ଆଳାପ କରିବା ଉଚିତ ନୁହେଁ ବୋଲି ସାରଦାଙ୍କୁ ତାଗିଦ ମଧ କରୁଥିଲେ। ମିଳାମିଶା କଲେ ଆଧାତ୍ମିକ ସାଧନାର ଯେଉଁ ଶୀର୍ଷ ସ୍ଥାନରେ ଶ୍ରୀ ରାମକୃଷ୍ଣ ଥିଲେ ତାଙ୍କର ପତନ ହୋଇଯିବା ନେଇ ଭୈରବୀ ବ୍ରାହ୍ମଣୀଙ୍କର ଭୟ ଥିଲା।

ଭୈରବୀ ବ୍ରାହ୍ମଣୀ ଥିଲେ ଶ୍ରୀ ରାମକୃଷ୍ଣଙ୍କର ତାନ୍ତ୍ରିକ ଗୁରୁ। ତନ୍ତ୍ର ସାଧନାରେ ଶ୍ରୀ ରାମକୃଷ୍ଣଙ୍କର ଅଦ୍ଭୁତ ଅଗ୍ରଗତିକୁ ଦେଖି ସେ ଭାବି ନେଇଥିଲେ ଯେ ସେ ଜଣେ ସାଧାରଣ ମଣିଷ ନୁହନ୍ତି, ସେ ଜଣେ ଅବତାର ପୁରୁଷ। କିନ୍ତୁ ଶ୍ରୀ ରାମକୃଷ୍ଣଙ୍କର ବେଦାନ୍ତ ସାଧନାର ଗୁରୁ ତୋତାପୁରୀଙ୍କ ଦୃଷ୍ଟିକୋଣ ଭିନ୍ନ ଥିଲା। ସେ ରାମକୃଷ୍ଣଙ୍କୁ ସ୍ୱୟଂ ବେଦ, ଉପନିଷଦ ଓ ବେଦାନ୍ତର ମୂର୍ତ୍ତିମନ୍ତ ପୁରୁଷ ଭାବରେ ଗ୍ରହଣ କରୁଥିଲେ। ତାଙ୍କ ମତରେ ଶ୍ରୀ ରାମକୃଷ୍ଣଙ୍କର ପବିତ୍ର ଓ ନିର୍ମଳ ହୃଦୟରେ ପ୍ରଜ୍ୱଳିତ ହେଉଥିବା ଅଗ୍ନିରେ ଯିଏ ବି ମିଶିବ ତା'ର ଆଧାତ୍ମିକ ଚେତନାରେ କୌଣସି ବିଘ୍ନ ଘଟିବ ନାହିଁ। ତୋତାପୁରୀ ଜଣେ ମୁକ୍ତ ଆତ୍ମା ଥିଲେ, ତେଣୁ ଶ୍ରୀ ରାମକୃଷ୍ଣଙ୍କର ମୁକ୍ତ ଓ ଅବାଧ ଲୀଳାକୁ ସେ ଚିହ୍ନିଥିଲେ। କିନ୍ତୁ ତାଙ୍କର ଆଧାତ୍ମିକ ସାଧନାକୁ ଅକ୍ଷୁଣ୍ଣ ରଖିବା ପାଇଁ ଭୈରବୀ ବ୍ରାହ୍ମଣୀ ତାଙ୍କୁ ନିଜ ତତ୍ତ୍ୱାବଧାନରେ ରଖିବାକୁ ଚାହୁଁଥିଲେ। ଏହା ତାଙ୍କର ଅଜ୍ଞତା ଥିଲା ଓ ତାଙ୍କର ଈର୍ଷାନ୍ୱିତ ଭାବନା ପରିବାର ମଧରେ ଅଶାନ୍ତି ସୃଷ୍ଟି କରୁଥିବା ବିଷୟରେ ସେ ଜାଣିପାରୁ ନଥିଲେ। ତାଙ୍କର ଅନ୍ଧ ବାତ୍ସଲ୍ୟପ୍ରେମ, ଭାକ୍ତିକ ଅହଂକାର ଓ ଈର୍ଷା ଚକ୍ଷୁରେ ସବୁକିଛି ବ୍ୟତିକ୍ରମ ହେବା ଭଳି ପ୍ରତୀୟମାନ ହେଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜର ଭୁଲ୍ ବୁଝିପାରିଥିଲେ ଓ ସବୁଦିନ ପାଇଁ ବାରାଣସୀକୁ ଫେରିଯାଇଥିଲେ।

ଏହି ଘଟଣା ପରେ ଶ୍ରୀ ରାମକୃଷ୍ଣ ଦକ୍ଷିଣେଶ୍ୱରକୁ ଫେରିଗଲେ ଓ ୧୮୬୭ରେ ସାରଦା ଫେରିଆସିଥିଲେ ନିଜ ପିତ୍ରାଳୟକୁ। ଜୟରାମବାଟିର ସୌନ୍ଦର୍ଯ୍ୟ ଓ ପରିବାର ଲୋକଙ୍କ ଭଲପାଇବା ଭିତରେ ସେ ନିଜକୁ ହଜାଇଦେଲେ। କିନ୍ତୁ କାମାରପୁକୁରରେ ପାଇଥିବା ଐଶ୍ୱରିକ ଜ୍ଞାନ ଏଠାରେ ନଥିଲା। ଏକ ବିରାଟ ପରିବର୍ତ୍ତନର ଦ୍ୱାର ଦେଶରେ ସାରଦା ଦଣ୍ଡାୟମାନ ହୋଇଥିଲେ। ଏହି ପରିବର୍ତ୍ତନ ତାଙ୍କୁ ଧୀରେ ଧୀରେ ଆଧାତ୍ମିକ ଜଗତ ଆଡ଼କୁ ନେଇଯିବ ଯେଉଁଠି ଆରମ୍ଭ ହେବ ବିଶ୍ୱ ମାତୃତ୍ୱର ଭୂମିକା। ସେ ପାଲଟିଯିବେ ସମଗ୍ର ବିଶ୍ୱର ଜନନୀ। (କ୍ରମଶଃ)

ମୋ-୯୯୩୭୨୯୭୦୩୯

# ସତ୍ୟ ହିଁ ପରମ ଚୈତନ୍ୟ

ଦୁଷ୍ମନ୍ତ କୁମାର ସାହୁ


ଯାହା ଆମ ମାନଙ୍କର ଦରକାର ଏବଂ ଯାହା ଆମେ ପାଇବାକୁ ଯୋଗ୍ୟ, ବିଶ୍ୱନିୟନ୍ତା, ଭଗବାନ ତାହା ଆମକୁ ଦେଇଥାନ୍ତି। ଏଥିପାଇଁ ତାଙ୍କୁ ମାଗିବାର ଆବଶ୍ୟକତା ନାହିଁ ବା ଯାହା ମିଳୁଛି ସେଥିରେ ଅସନ୍ତୋଷ ପ୍ରକାଶ କରିବାର କିଛି ନାହିଁ। ସର୍ବଦା ସନ୍ତୁଷ୍ଟ ରୁହ। ଭଗବାନଙ୍କ ଇଛା ବିରୁଦ୍ଧରେ କିଛି ଘଟେ ନାହିଁ। ଯେତେ ଉଚ୍ଚକୁ ଚଢ଼େଇଟିଏ ଉଠିଲେ ମଧ ସମୟ ଆସିବ ଯେତେବେଳେ ବିଶ୍ରାମ ନିମନ୍ତେ ଏହା ତଳକୁ ଓହ୍ଲାଇବ। ଠିକ ସେହିପରି ନାସ୍ତିକ ବ୍ୟକ୍ତିମାନେ ଯେଉଁମାନେ ଭଗବାନଙ୍କ ନିନ୍ଦା କରିବାକୁ ସର୍ବଦା ଲାଗିପଡ଼ିଥାନ୍ତି ଏବଂ ଭଗବାନଙ୍କ ଅସ୍ତିତ୍ୱରେ ଆଦୌ ବିଶ୍ୱାସ କରନ୍ତି ନାହିଁ, ଘଟଣା ଚକ୍ରରେ ଯୋଡ଼ି ହସ୍ତ ଏବଂ ନତଜାନୁ ଅବସ୍ଥା ପ୍ରାର୍ଥନା କରିବେ, ହେ ଭଗବାନ ମୋତେ ଶକ୍ତି, ଆନନ୍ଦ ଏବଂ ଶାନ୍ତି ଦିଅ।

ଯେଉଁଠି ଭଗବାନଙ୍କ ମହିମା ଗାନ କରାଯାଏ, ସେଠାରେ ଭଗବାନ ଆବିର୍ଭୁତ ହୁଅନ୍ତି। ଏହା ହିଁ 'ମଦ ଭକ୍ତାଃ ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି, ନାରଦ' ଏହି ଶ୍ଳୋକର ଅର୍ଥ। ଏଥିରୁ କେହି ଅର୍ଥ କରିବେ ନାହିଁ ଯେ ଭଗବାନଙ୍କ ମହିମାଗାନ, କୀର୍ତ୍ତନ ଯେଉଁଠି ନ ହେଉଛି ସେଠାରେ ଭଗବାନ ନାହାନ୍ତି। ସେ ସବୁ ଯାଗାରେ ସବୁବେଳେ ଅଛନ୍ତି ମାତ୍ର ଭଗବାନଙ୍କ ନାମକୀର୍ତ୍ତନ ଯାଗରେ ରେ ତାଙ୍କ ଉପସ୍ଥିତି ଅନୁଭବ କରିବା ସହଜ ହୁଏ। ଉଦାହରଣ ସ୍ୱରୂପ ବାୟୁମଣ୍ଡଳେ ସଙ୍ଗୀତର ମୂର୍ଚ୍ଛନା ସର୍ବଦା ପ୍ରବାହିତ ହେଉଛି। ମାତ୍ର ଏହା ଅନୁଭବ କରିହେବ ରେଡ଼ିଓର ସ୍ୱିଚ ଲଗାଇଲେ ଏବଂ ସେହିପରି ଇଲେକଟ୍ରିକ ଲାଇନରେ ବିଜୁଳି ସ୍ରୋତ ପ୍ରବାହିତ ହେଉଥିଲେ ମଧ ବଲଟିଏ ଲଗାଇଲା ମାତ୍ରେ ଏହା ଆଲୋକ ବିଛାଡ଼ି ଦିଏ।

ଆମ ମାନଙ୍କର ଜୀବନ ବାସ୍ତବରେ ଆନନ୍ଦମୟ ଓ ପ୍ରଶାନ୍ତିଚେତନା ଯୁକ୍ତ। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି - 'ଆନନ୍ଦ, ଏବଂ ଆତ୍ମା ମଧରେ କୌଣସି ପ୍ରଭେଦ ନାହିଁ। ଆତ୍ମା ହିଁ ଆନନ୍ଦ। ଈଶ୍ୱର, ପୂର୍ଣ୍ଣତା, ଅମରତ୍ୱ ଓ ଆନନ୍ଦ ଏ ସବୁ ଏକ ଓ ଅଭିନ୍ନ। ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପୂର୍ଣ୍ଣତା ପ୍ରାପ୍ତି ବା ଭଗବତ ପ୍ରାପ୍ତି। ଆମେ ମାନେ ସତ୍ୟର ଯେତେ ନିକଟତର ହେଉଥିବା ସେତେ ଅଧିକ ସୁଖୀ ହେଉଥିବା, କାରଣ ସତ୍ୟର ବାସ୍ତବ ପ୍ରକୃତି ହେଉଛି ନିଶ୍ଚିତ ପରମାନନ୍ଦ। ଆତ୍ମା ହେଉଛି ଅନେକ ମଧରେ ଏକ, ଅନିତ୍ୟ ମଧରେ ନିତ୍ୟ, ଆତ୍ମା ହିଁ ସମସ୍ତ ଚେତନ ଜୀବଙ୍କ ମଧରେ ରହିଥିବା ସତ୍ୟ ଶୁଦ୍ଧ ପରମ ଚୈତନ୍ୟ।

ପୂର୍ବତନଜିଲ୍ଲା ସଭାପତି,
ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ପୁରୀ,
ଦୂରଭାଷ : ୯୪୩୭୬୬୭୨୮୩୪

ପ୍ରଚ୍ଛଦ



# ଓଡ଼ିଆ ସାହିତ୍ୟରେ ପଲ୍ଲୀକବି: ନନ୍ଦକିଶୋର ବନାମ୍ କୃଷ୍ଣପ୍ରସାଦ



ଡକ୍ଟର ବିଶ୍ୱରଂଜନ ଦାସ

**ସାହିତ୍ୟରେ କୌଣସି ଉପାଧି ବା ବିଶେଷଣ କାହାର ବ୍ୟକ୍ତିଗତ ‘ପେଟେଣ୍ଟ’ କିମ୍ବା ‘ଏକଚାଟିଆ ସମ୍ପତ୍ତି’ ନୁହେଁ; ବରଂ ତାହା ସ୍ରଷ୍ଟାର କାବ୍ୟଚେତନା, ଜୀବନଦୃଷ୍ଟି ଓ ସୃଜନଶୀଳ ଆଭିମୁଖ୍ୟର ଯଥାର୍ଥ ପରିଚୟ। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଡକ୍ଟର ମନ୍ମଥ କୁମାର ପ୍ରଧାନଙ୍କ ପୁସ୍ତକ ‘ପଲ୍ଲୀକବି କୃଷ୍ଣପ୍ରସାଦ ବେହେରା’ର ଶୀର୍ଷକକୁ ନେଇ କେତେକ ମହଲରେ ଯେଉଁ ଆପତ୍ତି ଓ ଆନ୍ଦୋଳନର ସ୍ୱର ଉତ୍ତୋଳିତ ହୋଇଛି, ତାହା ସାହିତ୍ୟିକ ଉଦାରତା ତଥା ନିରପେକ୍ଷ ଐତିହାସିକ ଗବେଷଣାର ପରିପନ୍ଥୀ। ରାୟସାହେବ ନନ୍ଦକିଶୋର ବଳ ଓଡ଼ିଆ ପଲ୍ଲୀକାବ୍ୟ ଧାରାର ଆଦ୍ୟ ପ୍ରବର୍ତ୍ତକ। ଓଡ଼ିଆ ସାରସ୍ୱତ ଜଗତରେ ତାଙ୍କ ସ୍ଥାନ ଅପ୍ରତିଦ୍ୱନ୍ଦ୍ୱୀ ନିଶ୍ଚୟ। ମାତ୍ର ନନ୍ଦକିଶୋରଙ୍କୁ ‘ପଲ୍ଲୀକବି’ କହିବାର ଅର୍ଥ ଏହା ନୁହେଁ ଯେ ଅନ୍ୟ କୌଣସି ସ୍ରଷ୍ଟା ପଲ୍ଲୀମାଟିର ସୁବାସକୁ ନିଜ କବିତାରେ ରୂପଦେଇ ସେହି ଆଖ୍ୟାର ଅଧିକାରୀ ହୋଇପାରିବେ ନାହିଁ। ଭାଷାତାତ୍ତ୍ୱିକ ଦୃଷ୍ଟିରୁ ‘ପଲ୍ଲୀକବି’ କୌଣସି ସରକାରୀ ‘ଗେଜେଟ୍ ପଦବୀ’ ନୁହେଁ; ଏହା ଏକ ଗୁଣବାଚକ ସମାସ- ଅର୍ଥାତ୍ ‘ପଲ୍ଲୀର କବି’। ଯେଉଁ ସ୍ରଷ୍ଟା ଆଜୀବନ ଗ୍ରାମୀଣ ଜୀବନ, ମାଟିର ଭାଷା, ଚାଷୀ-ମୂଲିଆଙ୍କ ସୁଖଦୁଃଖ ଓ ପଲ୍ଲୀପ୍ରକୃତିର ନିଛକ ଚିତ୍ରାୟନରେ ନିଜ ସୃଜନଶୀଳତାକୁ ଉତ୍ସର୍ଗ କରିଦେଇଛନ୍ତି, ତାଙ୍କୁ ସେହି ସମ୍ମାନରୁ ବଞ୍ଚିତ କରିବା ଏକ ଅନୁଦାର ମନୋବୃତ୍ତି।**

ଓଡ଼ିଆ ସାହିତ୍ୟର ସମୃଦ୍ଧ ପରମ୍ପରାକୁ ଅନୁଧ୍ୟାନ କଲେ ସ୍ପଷ୍ଟହୁଏ ଯେ ସମାନ କାବ୍ୟଧର୍ମ ପାଇଁ ଏକାଧିକ ସ୍ରଷ୍ଟାଙ୍କୁ ସମାନ ବିଶେଷଣରେ ଭୂଷିତ କରାଯିବାର ବହୁଳ ଦୃଷ୍ଟାନ୍ତ ରହିଛି। ଯେପରି- ଭକ୍ତିରସର ଅମୃତଧାରା ପ୍ରବାହିତ କରିଥିବା ପଞ୍ଚସଖା ଯୁଗର ବଳରାମ ଦାସ, ଜଗନ୍ନାଥ ଦାସ, ରୀତିଯୁଗର ଦୀନକୃଷ୍ଣ ଦାସ ଓ ଭକ୍ତଚରଣ ଦାସଙ୍କଠାରୁ ଆରମ୍ଭ କରି ଆଧୁନିକ ଯୁଗର ଭକ୍ତକବି ମଧୁସୂଦନ ରାଓଙ୍କ ପର୍ଯ୍ୟନ୍ତ- ପ୍ରତ୍ୟେକେ ସ୍ୱତନ୍ତ୍ର ହୋଇ ମଧ୍ୟ ‘ଭକ୍ତକବି’ ଭାବେ ସର୍ବଜନସ୍ୱୀକୃତ। ସେହିପରି ପ୍ରକୃତିର ଅନନ୍ୟ ରୂପକାର ଭାବେ କବିବର ରାଧାନାଥ ରାୟ ଓ ସ୍ୱଭାବକବି ଗଙ୍ଗାଧର ମେହେର- ଉଭୟଙ୍କୁ ସମାଲୋଚକମାନେ ‘ପ୍ରକୃତି କବି’ ବୋଲି ଅଭିହିତ କରିଥାନ୍ତି। ସ୍ୱଦେଶୀ ଆନ୍ଦୋଳନ ଓ ଦେଶାତ୍ମବୋଧ ଜାଗ୍ରତ କରିବାରେ ଉଭୟ ବୀରକିଶୋର ଦାସ ଓ ବାଞ୍ଛାନିଧି ମହାନ୍ତି ‘ଜାତୀୟ କବି’ ରୂପେ ପ୍ରତିଷ୍ଠିତ। ଯଦି ଏହି ମହାନ ସ୍ରଷ୍ଟାମାନଙ୍କ କ୍ଷେତ୍ରରେ ସମାନ ବିଶେଷଣର ପ୍ରୟୋଗ ହୋଇ କାହାରି ମର୍ଯ୍ୟାଦା ହାନି ହୋଇନାହିଁ, ତେବେ କୃଷ୍ଣପ୍ରସାଦ ବେହେରାଙ୍କୁ ‘ପଲ୍ଲୀକବି’ କହିବାରେ ଆପତ୍ତି ଉଠାଇବା କେତେ ଯୁକ୍ତିସଙ୍ଗତ! ଡକ୍ଟର ହରେକୃଷ୍ଣ ମହତାବ, ପୂର୍ବତନ ବାଚସ୍ପତି ନନ୍ଦକିଶୋର ଦାସ ଏବଂ ସୁନ୍ଦର ମୋହନ ଦାସଙ୍କ ଭଳି ତୁଙ୍ଗ ସାରସ୍ୱତ ଓ ରାଜନୈତିକ ବ୍ୟକ୍ତିତ୍ୱମାନେ ବହୁ ପୂର୍ବରୁ କୃଷ୍ଣପ୍ରସାଦଙ୍କୁ ‘ପଲ୍ଲୀକବି’ ରୂପେ ସ୍ୱୀକୃତି ପ୍ରଦାନ କରିସାରିଛନ୍ତି।

**ଜନ୍ମ ଓ ଜୀବନୀ :**

୧୯୧୫ ମସିହା ମାର୍ଚ୍ଚ ୫ ତାରିଖରେ ଭଦ୍ରକ ସହର ନିକଟସ୍ଥ ନଳାଙ୍ଗ ଅନ୍ତର୍ଗତ ମୂଳଗାଁରେ ଏକ ନିମ୍ନ ମଧ୍ୟବିତ୍ତ କୃଷକ ପରିବାରରେ କୃଷ୍ଣପ୍ରସାଦ ବେହେରା ଜନ୍ମଗ୍ରହଣ କରିଥିଲେ। ପିତା ପୁରୁଷୋତ୍ତମ ବେହେରାଙ୍କ ଜ୍ୟେଷ୍ଠପୁତ୍ର ଭାବେ ପାରିବାରିକ ଅଭାବ ଅନଟନ ଯୋଗୁଁ ସେ ପାଠପଢ଼ା ଛାଡ଼ି ମାତ୍ର ୧୦ ବର୍ଷ ବୟସରେ ‘ଅର୍ଜୁନଚାନ୍ଦ’ ଯାତ୍ରା ଦଳରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ରଙ୍ଗମଞ୍ଚର ମହାନାୟକ କାଳୀଚରଣ ପଟ୍ଟନାୟକଙ୍କ ‘ଓଡ଼ିଶା ଥିଏଟର୍ସ’ରେ ସାମିଲ ହୋଇ ସେ ଅଭିନୟ, ନାଟକ ରଚନା, ପରିଚାଳନା ଓ ସଂଗୀତ କ୍ଷେତ୍ରରେ ଗଭୀର ଅନୁଭୂତି ଅର୍ଜନ କଲେ। ସେ ବାଲେଶ୍ୱର ଜିଲ୍ଲାର ସୋର ନିକଟସ୍ଥ ଅଭଣା ଗ୍ରାମକୁ ନିଜର ସାଧନା କେନ୍ଦ୍ର କରିବା ସହ ଧାମନଗର, ବନ୍ତ, ତାଳପଦା, ଖଇରା, କେଶରୀପୁର ଓ ନଳାଙ୍ଗ ଆଦି ସ୍ଥାନରେ ନାଟ୍ୟଦଳ ଗଠନ କରି ଓଡ଼ିଶା ତଥା ପଶ୍ଚିମବଙ୍ଗରେ ନାଟକ ପ୍ରଦର୍ଶନ କରିଥିଲେ। କୃଷ୍ଣପ୍ରସାଦ ନିଜ ଜୀବନକାଳ ମଧ୍ୟରେ ୬୮ ଖଣ୍ଡ ନାଟକ ରଚନା କରିଥିଲେ। ପୌରାଣିକ, ଐତିହାସିକ ଓ ସାମାଜିକ ପୃଷ୍ଠଭୂମିରେ ରଚିତ ଏହି ନାଟକଗୁଡ଼ିକରେ ଶୋଷଣ, ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଜନଜାଗରଣର ସ୍ୱର ଉତ୍ତୋଳିତ ହୋଇଥିଲା। ସେ କ୍ଲାରିଓନେଟ୍ ବାଦନରେ ଅତ୍ୟନ୍ତ ଦକ୍ଷ ଥିଲେ ଏବଂ ନାଟକଗୁଡ଼ିକରେ ଅସଂଖ୍ୟ ସ୍ୱରଚିତ ଭାବପୂର୍ଣ୍ଣ ପଲ୍ଲୀସଂଗୀତ ସଂଯୋଜନା କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଥିଲେ। କୃଷ୍ଣପ୍ରସାଦଙ୍କ କବିତାରେ ପଲ୍ଲୀପ୍ରକୃତି କେବଳ ଏକ ବର୍ଣ୍ଣନା ନୁହେଁ, ବରଂ ଏକ ସଜୀବ ଅନୁଭୂତି। ସରଳ, ପ୍ରାଣସ୍ପର୍ଶୀ ଶବ୍ଦ ସଂଯୋଜନା ମାଧ୍ୟମରେ ସେ ଗ୍ରାମୀଣ ପରିବେଶକୁ ପ୍ରତ୍ୟକ୍ଷ ରୂପାୟନ କରିଛନ୍ତି:

**“କଳମ ଫୁଲ ନିଦରେ ଶୁଏ ନରମ ସଂଜ ଆସେ**  
**କଞ୍ଚା କମଳା-ସବୁଜ ଘାସେ ଶିଶିର ବିନ୍ଦୁ ହସେ**  
**ପକ୍ଷୀ ଜନନୀ ଆଧାର ଦିଏ ଶାବକ ଡାକେ ଆ’**  
**ଗାଁ ବିଲର ମେଘମହ୍ଲାର ଆଖୁ କିଆରି ଛାଇ**  
**ସଜଳ ମେଘ ମଉଳା ଖରା ତୋତେ ଡାକୁ କି ନାହିଁ,**  
**ଅଳପ ଦିଶେ ଅନ୍ଧାରେ ମିଶେ**  
**ପାହାଡ଼ ତଳ ଗାଁ, ଆରେ ଫେରି ଆ।”**

**ପଲ୍ଲୀର ଦୈନନ୍ଦିନ ଚିତ୍ର ଓ ବର୍ଷାଋତୁର ପ୍ରାକୃତିକ ପରିବେଶ ତାଙ୍କ କଲମରେ ଆହୁରି ଜୀବନ୍ତ ହୋଇଉଠେ:**

**“ମେଘ ବରଷୁଛି ଝୁପୁରୁ ଝୁପୁରୁ**  
**ବେଙ୍ଗ ଅପା ନାଚେ ଫୁକୁରୁ ଫୁକୁରୁ**  
**ଚକଚକ ହସେ ବିଜୁଳି କନିଆଁ**  
**ନଈରେ ଚାଲିଛି ନାଆ, ଝାପସା ଦିଶୁଚି ଗାଆଁ।”**

ପଲ୍ଲୀର କିଆ ଗୋହିରି, କୁଡ଼ିଆ ଘର, ଗାଈବାଛୁରୀ ଓ ପୋଖରୀ ତୁଠର ନିଛକ ଦୃଶ୍ୟ ତାଙ୍କ ରଚନାରେ ଏକ ଅନନ୍ୟ ରୂପ ଧାରଣ କରେ:

“ପାଖପାଖ ଲଗାଲଗି ସାନସାନ କୁଡ଼ିଆ ସାପପରି ଅଙ୍କାବଙ୍କା ଗୋହିରି  
ଝୁଲିଝୁଲି ନାଲିଗାଈ ହମାହମା ଡାକଇ ପାଖେ ପାଖେ ଚାଲେ କୁନି ବାଛୁରି।  
ପାଣି କାଉ ଡାକେ ମାଛରଙ୍କାକୁ କ୍ଷେତ କିଆରୀରେ ଝୁଲଇ ଆଖୁ  
ମାଟିଆ ଚିଲର କଅଁଳା ଛୁଆ କାଣ୍ଡିବଗ ସଙ୍ଗେ କରେ କଜିଆ  
କଇଁଛ ଦେଖ, ଟେକିଛି ବେକ ପାଣି ଗୋଧିର ଗରବ  
ଭାରି ଯାଏ ପହଁରି ଆମ ଗାଁ ପୋଖରୀ।”

ବିବିଧ କାବ୍ୟରସ ବିନ୍ୟାସ :



କୃଷ୍ଣପ୍ରସାଦ କେବଳ ପ୍ରକୃତିର ଚିତ୍ରକାର ନଥିଲେ, ମାନବୀୟ ଭାବପ୍ରବଣତାର ଥିଲେ ନିପୁଣ ରୂପକାର। ଗାଁର କନ୍ୟା ବିଦାୟ ବେଳର ବେଦନାକୁ ନେଇ କରୁଣ ରସର ପ୍ଲାବନ ଅତ୍ୟନ୍ତ ହୃଦ୍ୟ। ଓଡ଼ିଆ ପଲ୍ଲୀଜୀବନରେ ବିବାହ ପରେ ଆତ୍ମୀୟସ୍ୱଜନଙ୍କୁ ଛାଡ଼ି ଅଭିଆଡ଼ି ଝିଅ ଶାଶୁଘରକୁ ଯିବା ସମୟର ଆଶଙ୍କା ଓ ବ୍ୟାକୁଳତାର ମନସ୍ତାତ୍ତ୍ୱିକ ରୂପାୟନ ବେଶ୍ କାରୁଣ୍ୟପୂର୍ଣ୍ଣ। ଯେପରି-

**"ଗାଁ ପାରି ହେଲେ ବୋଉ ନାଆଁ ମୋର ଲୁଚିବ**
**ଏରୁଣ୍ଡି ବନ୍ଧ ଡେଇଁଲେ ତୋ ମୁହଁ କି ଦିଶିବ**
**ପିଲାଦିନେ ଫୁଲଖୋଷା, ଲମ୍ବ ଲାଞ୍ଜି କଜଳ**
**ମନେ ପଡ଼ିବ ଲୋ ବୋଉ ମୋ ସାହି-ସାଙ୍ଗ ମେଳ।**
**ତୋରାଣି କଂସାରେ ବୋଉ ଲୁହକଂସା ମିଶିବ**
**ଆହା କହିବାକୁ ବୋଉ ସାହା କେହି ନଥିବ।"**

ସେହପରି ପ୍ରଣୟୀର ପ୍ରତୀକ୍ଷା ଓ ବିରହିଣୀର ମାନସିକ ସ୍ଥିତିକୁ ସେ ମର୍ଯ୍ୟାଦାପୂର୍ଣ୍ଣ ଭାଷାରେ ଯେପରି ପ୍ରକାଶ କରିଛନ୍ତି, ସେଥିରେ ବୀରରସର ଦ୍ୟୋତନା ରହିଛି। ଯେପରି-

**"ଅନ୍ଧାର ରାତି ଝିଲ୍ଲୀର ଡାକ ଦୂରୁ ଆସୁଥିଲା ଭାସି**
**ପଲ୍ଲୀ ନୀରବ ନିଦ୍ରା ମଗନ ତୁମେ ଡାକିଦେଲ ଆସି**
**ତାରାର ସଳିତା ଅଧାଅଧି ଜଳିଥିଲା**
**ଅଧା ରାତିଟାରେ ଅଧା ନିଦ ଭାଙ୍ଗିଗଲା**
**ଗଭା ଫୁଲ ମୋର ହୋଇ ନଥିଲା ଗୋ ବାସି**
**ଆଶାପଥ ଚାହିଁ କେତେ ମୁଁ ରହିବି ବସି।"**

ନିର୍ମଳ ବାତ୍ସଲ୍ୟ ମମତାଭରା ଛୋଟ ପିଲାର ଶୋଇବା ଗୀତ ହେଉ କିମ୍ବା ନିରଳସ ହାସ୍ୟରସ- ଉଭୟରେ ତାଙ୍କର ଦକ୍ଷତା ଥିଲା ଅତୁଳନୀୟ। ଯେପରି-

**"ନିଦ ଭାଙ୍ଗିଦେଇ ଉଠ ମୋ କୁନା ଉଠୁ ମୋ ସୁନାରେ**
**ଜହ୍ନମାମୁଁ ପରା ଡାକୁଛି ତୋତେ ଅନା ଅନାରେ।"**

କବି ଗ୍ରାମୀଣ ଜୀବନଚର୍ଯ୍ୟାରେ ବ୍ୟଙ୍ଗବିଦ୍ରୂପକୁ ପ୍ରକାଶ କରିବାକୁ ଯାଇ ମନୋଜ୍ଞ ହାସ୍ୟରସର ଅବତାରଣା କରିଛନ୍ତି। ଯେପରି-

**"ବୁଢ଼ା ବ୍ରାହ୍ମଣ ହଲାଏ ଚୁଟି ନାହାକ କାଶେ ଖୁଁ ଖୁଁ**
**ଭଜନ ମାଆ ଗୋଦରଗୋଡ଼ି ଫୁଙ୍କୁଛି ଶଙ୍ଖ ଫୁଁ ଫୁଁ।"**

ପଲ୍ଲୀପ୍ରାଣତା ଭିତରେ କବିଙ୍କ କବିତାରେ ପରିଲକ୍ଷିତ ହୁଏ ଜାତୀୟ ଭାବନା, ଭକ୍ତିବାଦ ଓ ବୈପ୍ଲବିକ ଚେତନା। ସଂସ୍କୃତନିଷ୍ଠ ଶବ୍ଦବିନ୍ୟାସରେ ତାଙ୍କର 'ଭାରତ ବନ୍ଦନା' କବିତାଟି ତାଙ୍କ ଗଭୀର ପାଣ୍ଡିତ୍ୟ ଓ ଉଦାର ଜାତୀୟତାବାଦର ପରିଚୟ ପ୍ରଦାନ କରେ। ଯେପରି-

**"ମନୀଷା-ମଙ୍ଗଳ-ଜ୍ୟୋତି ଶୁଭ-ଶାନ୍ତି-ଗନ୍ଧାଘର**
**ସୃଷ୍ଟିର ସୁଗନ୍ଧି-ପୁଷ୍ପ ଭାରତ ଜନନୀ ମୋର।**
**କାଳର କାଳିମା ଧୋଇ ବୁଦ୍ଧ-ଦେଶ ଶୁଦ୍ଧ ଶ୍ୟାମ**
**ବେଦ, ବାଇବଲ, ଗୀତା, ଉପନିଷଦ, କୋରାନ**
**ମନ୍ଦିର, ମସଜିଦ-ଗୀର୍ଜା ଜନ-ସଂହତି ଅସୀମ**
**ଶୀଳ-ଶାନ୍ତଦ୍ଭିଜ୍ଞ-ସୁତ ପ୍ରଜ୍ଞାବନ୍ତ ଭାଗ୍ୟଧର।"**

ସେହିପରି ସମାଜର ଶୋଷଣ ଓ ଅନ୍ୟାୟ ବିରୁଦ୍ଧରେ ସେ ବୈପ୍ଳବିକ ସ୍ୱର ଉତ୍ତୋଳନ କରି ଲେଖିଥିଲେ-

**"ବଣିକ ମନ୍ତ୍ର ଅମଲାତନ୍ତ୍ର ଅବସାନ ବେଳ ଆସିଛି**
**ମୃତ୍ୟୁ ଶୀତଳ ଅଫିମ ରଜନୀ ପାହାନ୍ତି ଫରଚା ଦିଶୁଛି,**
**ଶୋଷଣ-କାତର ମହାଜ୍ୱର ରୋଗୀ ଦେଖୁଛି ମରଣ-ସ୍ୱପନ**
**ରକ୍ତ ନିଶାଣ ପ୍ରାଚୀ ଗଗନେ ଉଇଁ ଆସେ ନବ ତପନ।"**

ପଲ୍ଲୀପ୍ରାଣତାର ବୈଶିଷ୍ଟ୍ୟ :

କୃଷ୍ଣପ୍ରସାଦଙ୍କ କବିତାରେ ଗ୍ରାମୀଣ ଓଡ଼ିଶାର ପ୍ରାକୃତିକ ପରିବେଶ, ବର୍ଷାଋତୁର ରୂପଶୋଭା, ଗ୍ରାମୀଣ ଜୀବନଧାରା ସହିତ ପୌରାଣିକ ବିରହ କଥା ରାଧା-କୃଷ୍ଣ ଓ ରାମ-ସୀତା ପ୍ରସଙ୍ଗ ଅତି ସୁନ୍ଦର ଭାବରେ ଚିତ୍ରିତ। ଯେପରି-

**"ରଗଡ଼ ମଡ଼ ଶଗଡ଼ ଚାଲେ ହୋ**
**ନାଲିଗୋଡ଼ି ସଡ଼କପରେ**
**କାଳିଆକଷରା ବଳଦ ହଳେ।**
**ବରଷା ରାତିର ଶୀତପାହାନ୍ତି ହୋ, ଦିପହରିଆ ଖରା**
**ଘଣ୍ଟି ଘାଗୁଡ଼ି ଝମରଝମର ଶବଦ ଶୁଭୁଚି ପାରା**
**ଆମ୍ବ ଧାଡ଼ିଧାଡ଼ି ପଣସ ଝାଳେରି ସଡ଼କର ଦୁଇପାଖେ**
**ରଙ୍ଗ ରଙ୍ଗେଇତି ସରୁ ସୁଖେଇତି ହସିଦେଇ ଆସି ଡାକେ**
**ତଳିପା ତିନ୍ତୁଚି ଶରମ ଝାଳେ।"**

ନାଲିଆଗୋଡ଼ି ସଡ଼କ ଉପରେ ଶଗଡ଼ଟି ରଗଡ଼-ମଗଡ଼ ହୋଇ ଚାଲିଛି। ବଳଦ ବେକର ଘାଗୁଡିରୁ ଝମର-ଝମର ଶବ୍ଦ ଶୁଭୁଛି। ସଡ଼କର ଦୁଇ ପାଖରେ ଆମ୍ବ ଓ ପଣସ ଗଛର ଧାଡ଼ି ଶୋଭା ପାଉଛି। ଉଇପିଣ୍ଡା ଓ କାନ୍ଥରେ ଝୋଟି-ଚିତା ପଡ଼ିଥିବାରୁ ଦୂରରୁ ଘରଟି ବେଶ୍ ସୁନ୍ଦର ଦିଶୁଛି। ମାଛିଗୋଡ଼ ପରି ଝିପିଝିପି ବର୍ଷା ହେଉଛି, ଯାହା ଧୂଳିବାଲିକୁ ମଧ ଭିଜାଇ ପାରୁନାହିଁ। ଏହା ସହିତ ଯମୁନା ନଈ କୂଳର ରାଧାଙ୍କ ବିରହ ଓ ରାନ୍ଧଣାଶାଳାରେ ଲୁହ ଝରାଇବାର ଚିତ୍ର ପ୍ରକାଶ ପାଇଛି। ନଡ଼ିଆ ଗଛ ଗାଁର ଏବଂ କିଆଗଛ ବିଲର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି। ଶାଳଖମାଣରୁ ମୂଳିଆ ବର୍ଷା ମାଡ଼ି ଆସୁଥିବାର ସୂଚନା ଦେଉଛି। ଶେଷରେ ପ୍ରଭୁ ଶ୍ରୀରାମଙ୍କ ବିରହ ବେଦନା ଏବଂ ଅଶୋକ ବନ ମୂଳରେ ସୀତାଙ୍କ କ୍ରନ୍ଦନର କରୁଣ ଚିତ୍ର ଉଲ୍ଲେଖ କରାଯାଇଛି।

ଓଡ଼ିଶାର ପଲ୍ଲୀ ପ୍ରକୃତିର ସୁଷମା କୃଷ୍ଣପ୍ରସାଦଙ୍କ କବିତାରେ ନିଚ୍ଛକ ଭାବେ ଫୁଟିଉଠିଛି। ପ୍ରକୃତିର ଶାନ୍ତ ନିରବତା, ଅନୁପମ ସୌନ୍ଦର୍ଯ୍ୟ ସହିତ ଏକ କୋମଳ ବିରହୀ ଭାବନା ଅତି ସୁନ୍ଦର ଭାବରେ ଚିତ୍ରିତ। ଯେପରି-

**"ଝରଣା-କରୁଣ- ଗୀତି ବାଜେନା ପାଷାଣ ବୁକେ**
**କଳକଳ ଛଳଛଳ ଝରଝର କାନ୍ଦେ ସେ ଦୁଃଖେ**
**କଳାମେଘ କାନି ବାଜେ ନେଳିଆ ପାହାଡ଼ ଶିରେ**
**ରୂପେଲି ବନଜୋଛନା ଛାଇତଳେ ମିଶେ ଧୀରେ**
**ସାଥୀହରା ବନପକ୍ଷୀ ଚକିତେ ଚମକି ଡାକେ।**
**ବସନ୍ତର ସମାରୋହ ଜାଗିଉଠେ ମାଟିପରେ**
**ରାତିର ଖୋଳପା ଚରି କପୋତିର ଗୀତ ଝରେ।**
**ସକାଳର କୁଆଁତରା ବିଦାୟ କବିତା ଲେଖେ।"**



ଏଠାରେ କବି ପଥର ଛାତି ଉପରେ ବହିଯାଉଥିବା ଝରଣାର ଶବ୍ଦକୁ ଏକ କରୁଣ ଗୀତ ସହିତ ତୁଳନା କରିଛନ୍ତି। ଝରଣାର 'କଳକଳ ଛଳଛଳ ଝରଝର' ଧ୍ୱନି ପ୍ରକୃତରେ ତା'ର କ୍ରନ୍ଦନ ଓ ଦୁଃଖର ପ୍ରକାଶ ଭଳି ପ୍ରତୀତ ହୁଏ। ନୀଳ ପାହାଡ଼ ଶୀର୍ଷରେ କଳା ମେଘର ଅଞ୍ଚଳ ଛୁଇଁଯାଉଛି ଏବଂ ଜଙ୍ଗଲର ରୁପେଲି ଜହ୍ନ ଆଲୋକ ଛାଇ ତଳେ ଧୀରେ ଧୀରେ ମିଶିଯାଉଛି। ଏପରି ନିର୍ଜନ ପରିବେଶରେ ସାଥୀ ହରାଇଥିବା ବଣପକ୍ଷୀ ଭୟ ଓ ଚକିତ ହୋଇ ଡାକୁଛି। ରାତିର ଅନ୍ଧାରର ଖୋଳପା ଚିରି ପୃଥିବୀରେ ସକାଳର ଆଗମନ ଘଟୁଛି। କପୋତୀର କଣ୍ଠରୁ ଗୀତ ଝରିପଡୁଛି ଏବଂ ସକାଳର କୁଆଁତରା ରାତିର ବିଦାୟୀ କବିତା ଲେଖି ଅପସରି ଯାଉଛି।

କୃଷ୍ଣପ୍ରସାଦଙ୍କ ପଲ୍ଲୀଭିତ୍ତିକ କବିତାରେ ଭବିଷ୍ୟତ ଭାରତର ଏକ ଆଦର୍ଶ, ଆଧୁନିକ ତଥା ସମୃଦ୍ଧ ଗ୍ରାମର ଉଜ୍ଜ୍ୱଳ ଚିତ୍ର ପ୍ରଦତ୍ତ। ଗ୍ରାମ୍ୟଚେତନା ମଧ୍ୟରେ ପୁରୋଦୃଷ୍ଟି ଭାବବୋଧ ତାଙ୍କୁ ମହାଭାରତୀୟତା ଚେତନା ଆଡ଼କୁ ଓଟାରି ନେଇଛି। ଯଥା-

**"ଦିଶେ ଆଗାମୀ ଯୁଗର ଗାଆଁ ଆମ ନୂଆ ଭାରତର ଗାଆଁ**
**ପିଚୁଢଳା ପ୍ରତି ଗାଁକୁ ସଡ଼କ ସୁଶୀତଳ ଛାଇ ଫୁଲର ମହକ**
**ନୀଳବସନା ମୋ ମାଟି ମାଆ।**
**ବାରମାସୀ କ୍ଷେତ ହସେ ବିଲମାଳ ବୁଲୁଚି କଳଲଙ୍ଗଳ**
**ଖରା ଦିନରେ ବି ବେଙ୍ଗରଡ଼ି ଦିଏ ବିଜୁଳି ତୋଳୁଛି ଜଳ**
**ମୋଟର ବୋହୁଛି ଧାନମୁଗ ବିରି**
**ଜଡ଼ା ଯିବ ତିଳେ କୋଳଥ ଖେସାରି**
**କାଟେ ଫସଲ ସୁନାର ଦାଆ।**
**ଲମ୍ବଳିଆ ଗାଦି ଦି'ମହଲା କୋଠା ସାମନେ ଫୁଲବଗିଚା**
**ଦୁଇପାଖ ଘର ଚଉଡ଼ା ଦାଣ୍ଡରେ ପଡ଼ିଛି ଘାସ ଗାଲିଚା**
**ରୋଗଶୋକ ଭୋକ ନିକାଶ ହୋଇଛି**
**କଳକାରଖାନା ବିକାଶ ପାଇଛି**
**ବୁଲେ ଆକାଶେ ଚେମିଣି ଧୂଆଁ।"**

ବିକଶିତ ଭାରତ ଓ ଓଡ଼ିଶାର ଚିତ୍ର କ୍ରମେ ପ୍ରତିଟି ଗାଁକୁ ପିଚୁ ସଡ଼କ ସଂଯୋଗ ହୋଇଛି। ଚାରିଆଡ଼େ ଛାଇ ଓ ଫୁଲର ମହକ ଭରିଛି। ଗାଁ ଦାଣ୍ଡରେ ଘାସ-ଗାଲିଚା ସହ ଦୁଇ ମହଲା କୋଠାଘର ଓ ସାମ୍ନାରେ ଫୁଲ ବଗିଚା ଶୋଭା ପାଉଛି। ଚାଷ କାମରେ କଳଲଙ୍ଗଳ ବା ଟ୍ରାକ୍ଟର ଓ ବିଜୁଳିଚାଳିତ ଜଳସେଚନ ବ୍ୟବହାର ହେଉଛି। ଧାନ, ମୁଗ, ବିରି ଆଦି ଫସଲ ମୋଟର ଯୋଗେ ବୁହାଯାଉଛି। ବାରମାସୀ ବିଭିନ୍ନ ପ୍ରକାର ଫଳ ଫଳୁଛି। ଚାଷୀମାନେ ପକେଟ୍ ରେଡ଼ିଓ ଶୁଣି ଆନନ୍ଦରେ କାମ କରୁଛନ୍ତି। ଗାଁରେ କଳ-କାରଖାନା ପ୍ରତିଷ୍ଠା ହୋଇ ରୋଗ, ଶୋକ ଓ ଅଭାବ ଦୂର ହୋଇଛି। ଆକାଶରେ ଉଡ଼ାଜାହାଜ, ହେଲିକେପ୍ଟର ଚଳାଚଳ କରୁଛି ଏବଂ ରକେଟ୍ ମଙ୍ଗଳ ଓ ଶୁକ୍ର ଗ୍ରହ ଭଳି ମହାକାଶରେ ସନ୍ଧାନ ଚଳାଇଛି। ଗ୍ରାମବାସୀ ସନ୍ଧ୍ୟାରେ ଟେଲିଭିଜନରୁ ଦେଶ-ବିଦେଶର ଖବର ପାଉଛନ୍ତି। କୁପୋଷଣ କିମ୍ବା ରୋଗିଣା ମଣିଷ କମିଗଲେଣି। ମାଛ, କ୍ଷୀର, ଘିଅ ଓ ପୁଷ୍ଟିକର ଖାଦ୍ୟ ଖାଇ ଲୋକମାନେ ସୁସ୍ଥ ଓ ବଳବାନ ହେଲେଣି, ଫଳରେ ସମସ୍ତଙ୍କ ଜୀବନ ସୁଖ-ଶାନ୍ତିରେ ଭରି ରହିଛି।

ଅତୀବ ମନୋରମ ଓ ଭାବପୂର୍ଣ୍ଣ ପ୍ରକୃତି-ଗୀତିକବିତା ରଚନାରେ କବି କୃଷ୍ଣପ୍ରସାଦ ବାସ୍ତବିକ୍ ସିଦ୍ଧହସ୍ତ। ଅନେକ କବିତାରେ ନିଶୀଥର ପ୍ରକୃତି ଶୋଭା ସହିତ ମାନବୀୟ ପ୍ରେମ ଓ ଯୌବନର ମିଳନ ବର୍ଣ୍ଣିତ। ପ୍ରକୃତିର ନିଶାକାଳୀନ ରୂପ ଓ ମନର ପ୍ରେମାନୁଭୂତିର ଏକ ଅପୂର୍ବ ସମନ୍ୱୟ। ଯେପରି-

**"ହସିଦିଏ ଲାଜକୁରୀ କଇଁ ଜହ୍ନର ଓହଳ ନଇଁ ଆସେ**
**ଫଣାଟେକି ଚରଇ କୁହୁଡ଼ି ଓଦାମାଟି ଓଦାଦୂବ ଘାସେ।**
**କ୍ଳାନ୍ତଶିଶୁ ଆକାଶେ ଶୋଇଛି ଅସହ୍ୟ ସୁନ୍ଦର ଉପବନ**
**ବନବିଧିକାର ଘନବାସ ଚୋରି କରେ ଚପଳ ପବନ**
**ନିଦ୍ରାହୀନ ନକ୍ଷତ୍ରର ସଭା ସ୍ୱଚ୍ଛ ଶୁକ୍ଳ ଛାୟାପଥ ପାଶେ।**
**ହସିହସି ଖସିଯାଏ ଶଶୀ ଉଇଉଇ ପରବତ ଶିରେ**
**ଚିତାକୁଟା ଶାମୁକା ସୁନ୍ଦର ଡାଳିପକା ନଦୀବାଲି ତୀରେ**
**ପାଣିର ଫଂଜୁରୀ ଠେଲିଦେଇ ନିଃସଙ୍ଗ ତାରକା ବୁଡ଼ିମରେ**
**ମୁକୁଳ-ଆକୁଳ-ସୁରଭିରେ ନିଦ ରାଇଜକୁ ସପନ ଆସେ।**
**ବତାସର ବୁଦାବାଡ଼ ଭାଙ୍ଗି ଯଉବନ ଯାଦୁକରୀ ସୁରେ**
**ମୀନକେତନ ଉଡ଼େ ମନର ମଣିଷ ଡାକେ ଦୂରେ**
**ଶାନ୍ତବାୟୁ ପ୍ରାନ୍ତନୀର ଚୁମି କାଚକେନ୍ଦୁ ସରିତରେ ମିଶେ।"**

ରାତ୍ରିର ନିସ୍ତବ୍ଧତାରେ ଜହ୍ନଜ୍ୟୋତ୍ସ୍ନା ନଇଁପଡ଼ିବା ବେଳେ ଲାଜକୁଳୀ କଇଁ ଫୁଟିଉଠୁଛି। ଓଦାମାଟି ଓ ଦୂବଘାସ ଉପରେ କୁହୁଡ଼ି ସାପପରି ଫଣାଟେକି ଚରି ବୁଲୁଛି। ଆକାଶଟି କ୍ଳାନ୍ତ ଶିଶୁ ପରି ଶୋଇରହିଛି ଓ ସମଗ୍ର ଉପବନ ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟରେ ଭରିରହିଛି । ଚଞ୍ଚଳ ପବନ ଫୁଲ-ବଣର ସୁବାସ ଚୋରି କରି ନେଉଛି ଏବଂ ନିର୍ମଳ ଛାୟାପଥ କଡ଼ରେ ଅନିଦ୍ରା ତାରାମାନଙ୍କର ସଭା ବସିଛି। ଉଚ୍ଚପର୍ବତ ଶିଖର ଉପରୁ ଚନ୍ଦ୍ର ଧୀରେଧୀରେ ଖସି ଆସୁଛି। ନଦୀକୂଳର ବାଲିଚରାରେ ଚିତାକର୍ଷକ ଶାମୁକା ସବୁ ବିଛାଡ଼ି ହୋଇ ରହିଛନ୍ତି। ଜଳର ପ୍ରତିବିମ୍ବ ଭିତରେ ତାରକା ନିମଗ୍ନ ହେଉଛି ଓ ମହକିତ ଫୁଲର ସୁରଭି ମଧ୍ୟରେ ନିଦ୍ରାର ସ୍ୱପ୍ନ ଘୋଟି ଆସୁଛି। ବୟସର ସୀମା ଓ ବନ୍ଧନ ଅତିକ୍ରମ କରି ଯୌବନର ଯାଦୁକରୀ ଆହ୍ୱାନରେ କାମଦେବଙ୍କ ବିଜୟ-ଧ୍ୱଜା ଉଡୁଛି ଏବଂ ମନର ମଣିଷ ଦୂରରୁ ଡାକ ପଠାଉଛି। ଶାନ୍ତ ପବନ ଜଳରାଶିକୁ ସ୍ପର୍ଶ କରି ନଦୀର ସ୍ୱଚ୍ଛ ସ୍ରୋତରେ ମିଳାଇ ଯାଉଛି।

କାହିଁକି ବିତର୍କ :

ସୃଷ୍ଟି ହିଁ ସ୍ରଷ୍ଟାର ଶାଶ୍ୱତ ପରିଚୟ। ୧୯୭୨ ମସିହା ଜୁଲାଇ ୧୮ ତାରିଖରେ ଇହଧାମ ତ୍ୟାଗ କରିଥିବା ଏହି ମହାନ ସାଧକଙ୍କ ସମଗ୍ର କାବ୍ୟସମ୍ଭାରକୁ ଅଣଦେଖା କରି କେବଳ 'ଶୀର୍ଷକ' ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ଗଠନମୂଳକ ସାହିତ୍ୟ ସମାଲୋଚନା ନୁହେଁ। ୨୦୦୦ ମସିହାରେ ପ୍ରାଚୀ ସମିତି ଏବଂ ୨୦୧୭ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ତାଙ୍କ ଉପରେ ପୁସ୍ତକ ପ୍ରକାଶ ପାଇବା କୌଣସି ବିବାଦ ନୁହେଁ, ବରଂ ଓଡ଼ିଆ ପଲ୍ଲୀକାବ୍ୟ ପରମ୍ପରାର ଏକ ସମୃଦ୍ଧ ଉତ୍ତରଣ। ଯାହା ଜଣାପଡୁଛି, ଆମ ତଥାକଥିତ ପଣ୍ଡିତମନ୍ୟ ସାହିତ୍ୟିକମାନେ ବୋଧହୁଏ କୃଷ୍ଣପ୍ରସାଦ ବେହେରାଙ୍କୁ କେବେ ପଢିନାହାନ୍ତି କି ତାଙ୍କ ନାଁ ସୁଦ୍ଧା ଜାଣିନାହାନ୍ତି। ଏହା ହୋଇଥିଲେ ନିକଟରେ ଜଣେ ଲେଖକ କୃଷ୍ଣପ୍ରସାଦଙ୍କ ପରିବର୍ତ୍ତେ ପ୍ରଫେସର ଡକ୍ଟର କୃଷ୍ଣଚରଣ ବେହେରାଙ୍କ ନାମ ଉଲ୍ଲେଖ କରି ସେ ପଲ୍ଲୀକବି ନୁହନ୍ତି ବୋଲି ମୋ ସହ ଯୁକ୍ତି କରି ନଥାନ୍ତେ !

ତେବେ ସେ ଯା'ବି ହେଉ- କୃଷ୍ଣପ୍ରସାଦ ବେହେରା

'ପଲ୍ଲୀକବି' ଉପାଧିଯୋଗ୍ୟ । ନନ୍ଦକିଶୋରଙ୍କ କବିତା ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇଥିବାରୁ ସେ ସର୍ବସାଧାରଣରେ 'ପଲ୍ଲୀକବି' ଭାବେ ବେଶି ପରିଚୟ ପାଇଛନ୍ତି- ଏହା ସତ୍ୟ । ଏହା ସତ୍ୟ ନନ୍ଦକିଶୋର ଏକ ସମ୍ଭ୍ରାନ୍ତ ପରିବାରରୁ ଆସିଥିଲେ ଓ ତତ୍କାଳରେ ଏମ.ଏ. ଏଲ୍.ଏଲ୍.ବି. ଭଳି ଉଚ୍ଚଶିକ୍ଷା ହାସଲ କରିଥିଲେ । କିନ୍ତୁ ସାର୍ଟିଫିକେଟ ଶିକ୍ଷା ବିବର୍ଜିତ ଓ ଦରିଦ୍ର ପରିବାର ସନ୍ତାନ ଥିବା କୃଷ୍ଣପ୍ରସାଦଙ୍କୁ ଉଚ୍ଚମହଲରେ ଜାଣିବା ସହଜ ହୋଇନାହିଁ । ଏହି କାରଣରୁ ତାଙ୍କ ପଲ୍ଲୀକବିତା ଆଲୋଚନାର ଉତ୍କର୍ଷ ପ୍ରତିପାଦିତ ହୋଇପାରିନାହିଁ । ହେଲେ କୃଷ୍ଣପ୍ରସାଦଙ୍କ ଗ୍ରନ୍ଥାବଳୀ ପଢ଼ିବା ପରେ ମୁଁ ଅଭିଭୂତ ହୋଇଗଲି ଯେ ତାଙ୍କୁ ଏଯାଏ 'ପଲ୍ଲୀକବି' କାହିଁକି କୁହାଯାଇ ନଥିଲା ।

ଏଣୁ 'କିଏ ପଲ୍ଲୀକବି'- ଏଭଳି ତର୍କ ଏଡ଼ାଇ ଆଲୋଚନାକୁ ଏକାଡେମିକ୍ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ କରିବାର ପ୍ରୟାସ ହେଉ । ଓଡ଼ିଆ ସାହିତ୍ୟରେ 'ପଲ୍ଲୀକବି' କହିଲେ ସର୍ବପ୍ରଥମେ ନନ୍ଦକିଶୋର ବଳଙ୍କ ନାମ ହିଁ ସ୍ୱତଃସ୍ଫୂର୍ତ୍ତ ଭାବେ ମନକୁ ଆସିବେ- ଏହା ଅସ୍ୱୀକୃତ ନୁହେଁ । କିନ୍ତୁ 'ପଲ୍ଲୀକବି'- ଏକ ପଦବୀ ନୁହେଁ, ସାରସ୍ୱତ ଗୁଣବତ୍ତାର ପରିଚିତି । କୃଷ୍ଣପ୍ରସାଦ ବେହେରାଙ୍କ ସାହିତ୍ୟିକ ଅବଦାନ ଓ ଗ୍ରାମୀଣ ଜୀବନବୋଧର ଚିତ୍ରଣ ଅତ୍ୟନ୍ତ ଉଚ୍ଚକୋଟୀର । ତେବେ ଆମ ମତରେ ତାଙ୍କୁ 'ପଲ୍ଲୀକବି' ବିଶେଷଣ ବ୍ୟବହାର କରାଯିବା ଉଚିତ ହେବ । ସାହିତ୍ୟିକ ଉପାଧି ବ୍ୟବହାର ପାଇଁ କୌଣସି ଆଇନଗତ କିମ୍ବା ବାଧ୍ୟତାମୂଳକ ନିୟମାବଳୀ ନଥାଏ । ଏହା ସମ୍ପୂର୍ଣ୍ଣ ଭାବେ ଐତିହ୍ୟ, ପରମ୍ପରା ଓ ସାମାଜିକ ସ୍ୱୀକୃତି ଆଧାରିତ । ସାହିତ୍ୟରେ ଉପାଧିର ଦ୍ୱୈତ ବ୍ୟବହାର ପାଇଁ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ନଥାଏ । ପ୍ରଶାସନିକ ଉପାଧି ବୃତ୍ତିଗତ ଦାୟରୁ ମିଳିଥାଏ । କିନ୍ତୁ ସାରସ୍ୱତ ଉପାଧି ହେଉଛି ଜଣେ ସ୍ରଷ୍ଟାଙ୍କ ସାଧନା, ଶୈଳୀ ଓ ଗୁଣବତ୍ତା ପ୍ରତି ପାଠକ-ସମାଜ କିମ୍ବା ସାରସ୍ୱତ ଅନୁଷ୍ଠାନର ଏକ ସ୍ୱତଃସ୍ଫୂର୍ତ୍ତ ସମ୍ମାନ । ସମୟକ୍ରମେ ଜଣେ ସ୍ରଷ୍ଟାଙ୍କୁ ଭିନ୍ନଭିନ୍ନ ସମୟରେ ବା ଭିନ୍ନ ଅନୁଷ୍ଠାନ ଦ୍ୱାରା ଏକାଧିକ ଉପାଧି ମିଳିପାରେ କିମ୍ବା ଗୋଟିଏ ନାମ ସହ ଏକାଧିକ ବିଶେଷଣ ବି ଯୋଡ଼ାଯାଇପାରେ । ଯେହେତୁ ଏହା ଶ୍ରଦ୍ଧା ଓ ମୂଲ୍ୟାୟନର ପ୍ରତୀକ, ତେଣୁ ଏହାର ବ୍ୟବହାରରେ କୌଣସି କଠୋର ପ୍ରତିବନ୍ଧକ ରହିବା ସାରସ୍ୱତ ସ୍ୱାଧୀନତାର ପରିପନ୍ଥୀ । ଯେପରି ବିଜ୍ଞାନ କ୍ଷେତ୍ରରେ କାହାକୁ 'ଆଧୁନିକ ନ୍ୟୁଟନ୍' ବା ସାହିତ୍ୟରେ 'ଭାରତର ଶେକ୍ସପିୟର' କହିବା ଦ୍ୱାରା ମୂଳ ପ୍ରତିଭାଙ୍କ ମର୍ଯ୍ୟାଦା ହ୍ରାସ ପାଏନାହିଁ, ବରଂ ଉଭୟଙ୍କ ମହାନତାକୁ ସ୍ୱୀକୃତି ମିଳେ । ପରବର୍ତ୍ତୀ ପିଢ଼ିର ଜଣେ ଯୋଗ୍ୟ ସ୍ରଷ୍ଟାଙ୍କୁ ସେହି ସମାନ ଉପାଧିରେ ସମ୍ମାନିତ କରିବା ଅର୍ଥ, ସେହି ମହାନ ପରମ୍ପରା ଏବେବି ଜୀବନ୍ତ । ଏହା ପୂର୍ବସୂରୀଙ୍କ ଆସନରେ ଅନ୍ୟ କାହାକୁ ବସାଇବା ନୁହେଁ, ବରଂ ସେହି ଉଚ୍ଚ ଆଦର୍ଶର ପୁନରାବୃତ୍ତିକୁ ସମ୍ମାନ ଜଣାଇବା । ପାଞ୍ଚଶହ ଜଣ ପ୍ରତିଭା ଯଦି 'କବି ସମ୍ରାଟ ଉପାଧି' ପାଆନ୍ତି, 'କବି ସମ୍ରାଟ' କହିଲେ କେବଳ ଉପେନ୍ଦ୍ର ଭଞ୍ଜଙ୍କୁ ହିଁ ବୁଝାଯିବ । କାଳଜୟୀ ପ୍ରତିଭାଙ୍କ ସ୍ଥାନ ଉପାଧି ନିର୍ଭର ହୁଏନାହିଁ । ତେଣୁ ସମାନ ଉପାଧି ପ୍ରଦାନ କରିବା ଅବମାନନା ନୁହେଁ, ବରଂ ପୂର୍ବସୂରୀଙ୍କୁ ଶ୍ରେଷ୍ଠତାର ସର୍ବୋଚ୍ଚ ପ୍ରତୀକ ଭାବେ ସ୍ୱୀକାର କରି ଉତ୍ତରସୂରୀଙ୍କୁ ଉତ୍ସାହିତ କରିବାର ଏକ ସାଂସ୍କୃତିକ ପ୍ରୟାସ ।

ସମ୍ପ୍ରତି ଆମ ସାରସ୍ୱତ ସାଧନାର କ୍ଷେତ୍ରଟି ଏମିତି ହୋଇଗଲାଣି ଯେ ଆମେ ସବୁବେଳେ ପୁରୁଣା ଶଗଡ଼ଗୁଳାରେ ଚାଲିବାରେ ଅଭ୍ୟସ୍ତ । ନୂଆବାଟ ଫିଟାଇବାକୁ ସେ ସନାତନୀ ଶକ୍ତି କାହିଁ ? ଦିନକୁଦିନ ଏକପ୍ରକାର ସାରସ୍ୱତ ଜଗତରୁ ସେ ଅନ୍ୱେଷାର ଅନ୍ତ ଘଟିସାରିଲାଣି । ସୁତରାଂ, ସାହିତ୍ୟ କୌଣସି ବ୍ୟକ୍ତିବିଶେଷଙ୍କ ଚାରିପାଖରେ ଘେରାବନ୍ଦୀ ହୋଇ ରହିଥିବା ସଂକୀର୍ଣ୍ଣ ଦୁର୍ଗ ନୁହେଁ । ଉପାଧି କେବେ କବିଙ୍କୁ ଗଢ଼େ ନାହିଁ, ବରଂ କବିଙ୍କ କାଳଜୟୀ 'ସୃଷ୍ଟି' ହିଁ ଉପାଧିକୁ ସାର୍ଥକତା ପ୍ରଦାନ କରେ । କୃଷ୍ଣପ୍ରସାଦ ବେହେରା ନିଜର ମାଟିଲଗ୍ନ ସୃଜନଶୀଳତା, ଲୋକସଂସ୍କୃତି ପ୍ରତି ଅଙ୍ଗୀକାରବଦ୍ଧତା ଏବଂ ଅପ୍ରତିହତ ସାହିତ୍ୟ ସାଧନା ବଳରେ ଓଡ଼ିଆ ସାରସ୍ୱତ ଆକାଶରେ ଚିରଦିନ ଜଣେ ଯଥାର୍ଥ 'ପଲ୍ଲୀକବି' ହୋଇ ଝଟକୁଥିବେ ।

**- ବିଭାଗମୁଖ୍ୟ ଅଧ୍ୟାପକ, ବିଏନ୍ଏମ୍ଏ କଲେଜ, ପାଳିଆବିନ୍ଧା, ଭଦ୍ରକ, ମୋ: ୬୩୭୧୪୩୦୫୬୩**

**ମନକୁ ଆସିଲା ଯାହା ୮୦**

# ଲୋକଦେଖାଣିଆ...ବୋଲବମ



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ବୋଲ୍ବମ୍..ହର ହର ବମ୍..ଭୋଲାବାବା ପାର କରେଗା..ଜଟିଆ ବାବା ପାର କରେଗା..!! ଏମିତି ଶବ୍ଦମାନ କାନରେ ପଡୁଥାଏ । ରାସ୍ତାସାରା କାଉଡ଼ିଆଙ୍କ ଲମ୍ବାଧାଡ଼ି । ଗେରୁଆବସ୍ତ୍ର ପରିହିତ ଏହି ଶିବଭକ୍ତମାନଙ୍କୁ ଦେଖିଲେ ସ୍ୱତଃ ମନକୁ ଭକ୍ତି ଆସି ଯାଉଥାଏ । ଶ୍ରାବଣ ମାସର ଶେଷ ସୋମବାର ପୂର୍ବରୁ, ରାଜରାସ୍ତାର ଗୋଟିଏ ପାଖ ସତେଯେମିତି ଗେରୁଆମୟ ପାଲଟି ଯାଇଛି । ଠାଏ ଠାଏ କାଉଡ଼ିଆମାନଙ୍କର ସେବା ପାଇଁ କ୍ୟାମ୍ପ ଲଗେଇ ସ୍ୱେଚ୍ଛାସେବୀ ଦଳ ମଧ୍ୟ ଲାଗିପଡିଥାନ୍ତି । ଜଣେ ମାନ୍ୟବର ମନ୍ତ୍ରୀ ବି କାଉଡ଼ିଆଙ୍କ ପଦସେବା କରୁଥିବାର ଭିଡ଼ିଓ ଗଣମାଧ୍ୟମରୁ ଦେଖିସାରିଥିଲି । କୁନିକୁନି ପିଲାମାନେ ବି କାଉଡିଆ ସାଜି ଖାଲିପାଦରେ ରାଜରାସ୍ତାରେ ଚାଲିଛନ୍ତି ।

ହଠାତ୍ କାନରେ ପଡ଼ିଲା ଏକ ବିକଟାଳ ନାଦ । ଗଣେଶ ଡାଢ଼ି..ପାର କରେଗା, କାର୍ତ୍ତିକ ଫାଦର..ପାର କରେଗା..ପାର୍ବତୀ ହଜବ୍ୟାଣ୍ଡ ପାର କରେଗା..ଏମିତି ଆହୁରି ଅନେକ । ବୁଝିବାକୁ ବାକି ରହିଲା ନାହିଁ ଯେ, ଏସବୁ ଉନ୍ମତ୍ତ କାଣ୍ଡ କେବଳ ଗଞ୍ଜେଇ, ଭାଙ୍ଗ ବା ସେହି ଜାତୀୟ କିଛି ନିଶା ସେବନର କମାଲ । ପୁଣି ଆଉଟିକେ ଆଗରେ ବାଜୁଛି ଡିଜେ ମ୍ୟୁଜିକ । ବିକଟାଳ ସ୍ୱରରେ ବାଜୁଛି (ଶିବଭକ୍ତିରେ ଭରା..!!) ଅଦ୍ଭୁତ ଗୀତସବୁ । 'ଦେ ସାଙ୍ଗ, ଦେ ଭାଙ୍ଗ, ଦେ ଗଞ୍ଜେଇ... ବାବାଙ୍କୁ ଦେବା ରଞ୍ଜେଇ..' ନହେଲେ, 'ଗଞ୍ଜେଇ ପିଇ ଶୋଇଛି ବାବା, ପାଣି ଢାଳି ତାକୁ ଉଠେଇ ଦେବା' । ଏସବୁ ଗୀତକୁ ଆପଣ ଭକ୍ତି କହିବେ ନା ଭାଣ୍ଡାମି.. ? ?

ପ୍ରତିବର୍ଷ ଏହି ଶ୍ରାବଣ ମାସରେ କାଉଡ଼ିଆମାନେ ଦେଶର ବିଭିନ୍ନ ଶୈବପୀଠରେ ପହଞ୍ଚି ପାଣି ଢ଼ାଳିବାର ପରମ୍ପରା ଆମ ଇତିହାସରେ ବହୁ ପୁରୁଣା । ଭାବ ଓ ଭକ୍ତିର ସମନ୍ୱୟରେ ବିଭିନ୍ନ ଜ୍ୟୋତିର୍ଲିଙ୍ଗ ଓ ଅନ୍ୟ ଶିବାଳୟରେ ଶ୍ରାବଣ ସୋମବାରରେ ପାଣି ଢ଼ାଳିବାର ପ୍ରଥା କାହିଁ କେତେ ଯୁଗରୁ ଚଳିଆସୁଛି । ମୁଁ ବାରଣାସୀରେ ଥିଲାବେଳେ କାଶୀ ବିଶ୍ୱନାଥଙ୍କଠାରେ ଶ୍ରାବଣ ମାସଯାକ ଭକ୍ତମାନେ ପାଣି ଢାଳିବା ପାଇଁ ଭିଡ଼ ଜମେଇବାର ଦେଖିଛି । ଠିକ୍ ସେମିତି କିଛି ବର୍ଷ ତଳେ ବିହାରର ସୁଲତାନଗଞ୍ଜରୁ ଝାଡ଼ଖଣ୍ଡର ଦେଓଘର ସ୍ଥିତ ବୈଦ୍ୟନାଥ ବାବାଙ୍କ ଉପରେ ପାଣି ଢ଼ାଳିବା ପାଇଁ ନିଜେ କାଉଡ଼ିଆ ସାଜି ଯାଇଛି, ମୋର ମନେଅଛି । ମୁଜାଫରପୁରରେ ବାବା ଗରୀବନାଥଙ୍କ ମନ୍ଦିର ସାମ୍ନା ରାସ୍ତା ତ' ଶ୍ରାବଣ ମାସର ସୋମବାର ଦିନ ଆପେ ଆପେ ବନ୍ଦ ହୋଇଯାଏ । କାଉଡ଼ିଆମାନଙ୍କ ଭିଡ଼ ଏତେ ଲାଗେ ଯେ, ଲୋକମାନେ ଏହି ମୁଖ୍ୟରାସ୍ତାକୁ ଛାଡ଼ି ଅନ୍ୟ ଗଳିରାସ୍ତାରେ ଯାଇ ନାନାଦି ହଇରାଣ ହରକତ ହୁଅନ୍ତି । ଓଡ଼ିଶାର ଲିଙ୍ଗରାଜ, ଲୋକନାଥ, ଧବଳେଶ୍ୱର ଓ କପିଳାସ ଆଦି ଶୈବପୀଠରେ ମଧ୍ୟ ଏହି ଶ୍ରାବଣ ମାସ ଯାକ ଭକ୍ତମାନଙ୍କର ଅପର୍ଯ୍ୟାପ୍ତ ଭିଡ଼ ହେବା କିଛି ନୂଆ କଥା ନୁହେଁ ।

ଏବେ ସାମାଜିକ ଗଣମାଧ୍ୟମରେ ଶିବଙ୍କ ଉପରେ ପାଣି ଢ଼ାଳିବା ଓ କାଉଡ଼ିଆମାନଙ୍କୁ ନେଇ ଅନେକ ଭିଡ଼ିଓ ଉପଲବ୍ଧ । କେଉଁଠି ଅତି ଉଚ୍ଚ ସ୍ୱରରେ ଡିଜେ ବଜାଯାଉଛି ତ' କେଉଁଠି ଗାଡ଼ି ଉପରେ ଲାଗିଥିବା ମାଇକ୍ର ସଂଖ୍ୟାକୁ ନେଇ ପ୍ରତିଯୋଗିତା ଚାଲିଛି । ବିଭିନ୍ନ ବିକଟାଳ ଶବ୍ଦ ସହ ଅଶ୍ଳୀଳ ଗୀତ ମଧ୍ୟ ନୂଆ କଥା ହୋଇ ରହିନାହିଁ । ସତେ ଯେମିତି ଶିବଙ୍କ ଉପରେ ପାଣି ଢ଼ାଳିବାଟା ଭକ୍ତି ନୁହେଁ ବରଂ ଏକ ପ୍ରତିଯୋଗିତାରେ ପରିଣତ ହୋଇଛି । ଏବେ ତ ୧୦ ଘଣ୍ଟାରେ ୨୧୦ କିଲୋମିଟର ରିଲେ ରେସ୍ ପରି ଦୌଡ଼ି ଏବଂ ପାଳିକରି ମୋଟର ସାଇକେଲରେ ଗୋଡ଼େଇ ଗୋଡ଼େଇ କାଉଡ଼ିଆମାନେ ପାଣି ଢ଼ାଳିବାକୁ ଯିବାର ଭିଡ଼ିଓ ବି ଭାଇରାଲ ହେଲାଣି । ଝିଅମାନେ ବି ଗେରୁଆ ଡ୍ରେସ୍ ପିନ୍ଧି, ବେକରୁ ମୋବାଇଲ ଝୁଲେଇ, ଉଚ୍ଚାଙ୍ଗ ସଂଗୀତର ତାଳେ ତାଳେ (କିମ୍ବା ଭାଙ୍ଗ/ଗଞ୍ଜେଇ ନିଶାରେ) ନାଚି ନାଚି ହଲି ଝୁଲି ଶିବଙ୍କ ମୁଣ୍ଡରେ ପାଣି ଢ଼ାଳିବାକୁ ଯିବାର ନୂଆ ପରମ୍ପରା ବି ଦେଖାଗଲାଣି । ଅବସ୍ଥା ଏମିତି ହେଲାଣି ଯେ, ଶୈବପୀଠକୁ କାଉଡ଼ିଆ ହେଇ ଯିବାପାଇଁ ଗାଁ ଗାଁ ମଧ୍ୟରେ ପ୍ରତିଯୋଗିତା ଚାଲିଛି ।

ମୋର ମନେ ହେଉଛି । ଏ କାଉଡ଼ିଆ ସାଜିବା, ଶିବଙ୍କ ଉପରେ ପାଣି ଢ଼ାଳିବା ଆଜି ଏକ ଫେସନ ପାଲଟିଛି । ଗତବର୍ଷ ବାରିପଦାର ଜଣେ ବ୍ୟବସାୟୀ ୨୦ ହଜାର ଟଙ୍କା ଦେଇ ୨ଜଣ କାଉଡ଼ିଆଙ୍କୁ ତାଡ଼କେଶ୍ୱର ଓ ବୈଦ୍ୟନାଥ ଧାମ ପଠେଇଥିବାର ମୁଁ ଜାଣିଛି । ଭାବିଲେ ଥରେ, ଏମିତି ଭଡ଼ାଟିଆ କାଉଡ଼ିଆଙ୍କୁ ପଠେଇ ପୁଣ୍ୟ ଅର୍ଜନ କରିବାକୁ ଆପଣ ଫେସନ ନକହି ଆଉ କ'ଣ କହିବେ । ପୁଣି ଏ ଶ୍ରାବଣ ମାସର ପାଣିଢ଼ଳା ଉତ୍ସବ ଏବେ ପରିଣତ ହୋଇଛି ଏକ ସୁଦୃଢ଼ ବ୍ୟବସାୟରେ । ଗେରୁଆ ରଙ୍ଗର ଗଞ୍ଜି, ତାକୁ ମ୍ୟାଚ କଲାଭଳି ସେହି ରଙ୍ଗର ହାଫ୍ପ୍ୟାଣ୍ଟ । ହାତରେ ଗେରୁଆ ରଙ୍ଗର ବାହୁଙ୍ଗିରେ ସୁସଜ୍ଜିତ କଳସ ଓ ନଡ଼ିଆ । ଏସବୁ ମିଶି ପ୍ରାୟ ଟଙ୍କା ହଜାରେ ଖର୍ଚ୍ଚ । ଭୋଗରାଗ, ପୂଜାର୍ଚ୍ଚନା ବାବଦରେ ନନାଙ୍କ ଦକ୍ଷିଣା ଏବଂ ଗଞ୍ଜେଇ ଖର୍ଚ୍ଚ ମିଶେଇଲେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଜଣ ପିଛା । ଆହୁରି ଯଦି ବାହୁଙ୍ଗିରେ ପ୍ଲାଷ୍ଟିକ୍ ସାପ, ବାହୁଙ୍ଗୀରେ ଲିଚୁଲାଇଟ କିମ୍ବା ମୁଣ୍ଡରେ ଶିବଙ୍କ ପରି ଜଟା ଲାଗିଲା ଖର୍ଚ୍ଚ ଆହୁରି ଅଧିକ ହୋଇପାରେ । କେବଳ ଯଦି ଗୋଟିଏ ଶୈବପୀଠ, ଆରଡ଼ିର ବାବା ଆଖଣ୍ଡଳମଣୀଙ୍କୁ ନେଇ ପରିସଂଖ୍ୟାନ ଦେଖିବା, ଗୋଟିଏ ଶ୍ରାବଣ ସୋମବାରରେ ପ୍ରାୟ ୫୦ ହଜାର ଭକ୍ତ ପାଣି ଢ଼ାଳୁଛନ୍ତି । ୪ଟି ସୋମବାର ଯଦି କେବଳ ଏଇ ଗୋଟିଏ ପୀଠରେ ୨ ଲକ୍ଷ ଲୋକ କାଉଡ଼ିଆ ସାଜି ପାଣି ଢ଼ାଳୁଛନ୍ତି ତେବେ ସାରା ରାଜ୍ୟରେ ଏବଂ ସାରା ଦେଶରେ କେତେ କାଉଡ଼ିଆ ଏହି ଶ୍ରାବଣ ମାସରେ ଶିବଙ୍କ ଉପରେ ପାଣି ଢ଼ାଳୁଥିବେ ।

ଗତ କିଛି ଦିନ ତଳେ ମୁଁ କଲିକତାର ଏକ ବଡ଼ ମାର୍କେଟ୍ରେ ପହଞ୍ଚି ଧଳା ରଙ୍ଗର ଟି-ସାର୍ଟ ଖୋଜିଥିଲି । ମୋତେ ଏକ କାର୍ଯ୍ୟକ୍ରମ ପାଇଁ ଏକା ଭଳି ଧଳା ରଙ୍ଗର ଟି-ସାର୍ଟ ଦରକାର ଥିଲା । ସେହି ମାର୍କେଟ୍ରେ ହଜାରେ ଖଣ୍ଡ ଏକାପରି ଧଳା ରଙ୍ଗର ସାର୍ଟ ତତ୍କ୍ଷଣାତ୍ ମିଳିଲା ନାହିଁ । ମାତ୍ର ଶ୍ରାବଣ ମାସ ପାଖେଇ ଆସିଥିବାରୁ ଗେରୁଆ ରଙ୍ଗର ଲକ୍ଷେ ଖଣ୍ଡ ସାର୍ଟ ସଙ୍ଗେ ସଙ୍ଗେ ମିଳିଯାଇପାରିବ ବୋଲି ଉତ୍ତର ମିଳିଥିଲା । ଏଇଥିରୁ ଅନୁମେୟ ଯେ, କାଉଡ଼ିଆ ବ୍ୟବସାୟ କେତେ ସଂଗଠିତ, ସୁଦୃଢ଼ ଏବଂ ଏହାର ଆକାର କେତେ ବଡ଼ । ଅନ୍ୟୁନ ୨୦ ହଜାର କୋଟିର ବଜାର ଇଯେ । ଆଜିର ତାରିଖରେ ସାରା ଦେଶରେ କାଉଡ଼ିଆ ଏବଂ ସେହି ସମ୍ବନ୍ଧୀୟ ଜିନିଷରେ ଭରି ଉଠିଛି ବଜାର । ଏଥିରେ ସ୍ୱତନ୍ତ୍ର ବୋଲ୍ବମ୍ ଗୀତର କ୍ୟାସେଟ୍, ବିଭିନ୍ନ ଷ୍ଟାଇଲର ଚଷମା, ଗେରୁଆ ରଙ୍ଗର ଟୋପି ଆଦି ବି ଅନ୍ତର୍ଭୁକ୍ତ । ଇଏ ଏକ ବିଶାଳ ବିପଣୀ ।

ଶିବଙ୍କ ପ୍ରତି ଭକ୍ତି ଆଉ ନାହିଁ ବରଂ ଏହା ଏକ ବ୍ୟବସାୟରେ ପରିଣତ ହୋଇଛି । ଶିବଙ୍କ ଉପରେ ଶ୍ରାବଣ ମାସରେ ପାଣି ଢ଼ାଳିବାର ପ୍ରଥା ଓ ପରମ୍ପରାକୁ ମୁଁ ଆଦୌ ସମାଲୋଚନା କିମ୍ବା ବିରୋଧ କରୁନାହିଁ ମାତ୍ର ଏହାର ବ୍ୟବସାୟୀକରଣକୁ ମୁଁ ଘୋର ବିରୋଧ କରୁଛି । ଏତେ ସଂଖ୍ୟକ ଭକ୍ତ ଦଳଦଳ ହୋଇ ରାଜରାସ୍ତାରେ ଯାଉଛନ୍ତି । ସାମାନ୍ୟ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟିବାର ଅନେକ ନଜିର ରହିଛି । ପୁଣି ରାସ୍ତାରେ ଅଟକି ଆକଣ୍ଠ ମଦ୍ୟପାନ କରିବା ଓ ଦଳଦଳ ହେଇ ସାଙ୍ଗରେ ଗଞ୍ଜେଇ ଟାଣିବାର ମଧ୍ୟ ଅନେକ ଉଦାହରଣ ଆମେ ଦେଖିଛୁ । ପୁଣି ଅନେକ ସମୟରେ ଶିବଙ୍କ ଉପରେ ପାଣି ଢାଳିସାରିବା ପରେ ସେ ବେଲପତ୍ର, ଫୁଲ, କଳସୀ ଆଦି ଭକ୍ତମାନେ ସେହି ମନ୍ଦିର ପରିସରରେ ନଚେତ୍ ରାସ୍ତା ଘାଟରେ ଏଣେ ତେଣେ ଫୋପାଡୁଛନ୍ତି । ଏ ପ୍ରକାର ଆବର୍ଜନାକୁ ସଫା କରିବା କାଠିକର ପାଠ ହୋଇପଡୁଛି । ନଚେତ୍ ତାହା ସେମିତି ପଡ଼ିରହି ପଚିସଢ଼ି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି ।


ଏବେପୁଣି ମହିଳା ଭକ୍ତମାନେ କାଉଡ଼ିଆ ସାଜିଲେଣି । ଯେ ଏକ ନୂଆ ପରମ୍ପରା । ଏହା ସ୍ୱାଗତଯୋଗ୍ୟ ମାତ୍ର ସେମାନଙ୍କର ସୁରକ୍ଷା ମଧ୍ୟ ଏକ ବିରାଟ ଦାୟିତ୍ୱ । କିଛିବର୍ଷ ତଳେ, ବୈଦ୍ୟନାଥ ଧାମରେ ଦଳାଚକଟାରେ ୧୧ଜଣ କାଉଡ଼ିଆଙ୍କ ମୃତ୍ୟୁଘଟିବା ଏବଂ ସେମାନଙ୍କୁ ସରକାରୀ ତହବିଲରୁ କ୍ଷତିପୂରଣ ଦିଆଯିବା, କେତେଦୂର ସମିଚୀନ । ବିହାରରେ ଅସୁରକ୍ଷିତ ଭାବେ ଟ୍ରେନଲାଇନ ପାରିହେଉଥିବା ବେଳେ ଟ୍ରେନରେ କଟି ୩୮ଜଣଙ୍କ ମୃତ୍ୟୁ ଖବରର ଦିନାକେତେ ଦେଶରେ ଚହଳ ପକେଇଥିଲା । ପାଣିଢାଳି ଫେରିଲା ବେଳେ ଜୋର ଜବରଦସ୍ତ ଟ୍ରେନର ଆରକ୍ଷିତ ଡବାରେ ଚଢି, ଟିକେଟଧାରୀ ମାନଙ୍କୁ ହଇରାଣ କରିବାର ମଧ୍ୟ ଅନେକ ଭିଡ଼ିଓ ଗଣମାଧ୍ୟମରେ ଉପଲବ୍ଧ । ଏସବୁକୁ ମୁଁ ଆଦୌ ଭକ୍ତିର ନିଦର୍ଶନ ରୁପେ ଗ୍ରହଣ କରିପାରିବି ନାହିଁ ।

ଶେଷରେ କେବଳ ଗୋଟିଏ କଥା କହିବି, ଏମିତି ଲୋକ ଦେଖାଣିଆ ଭକ୍ତିରେ କାଉଡ଼ିଆ ସାଜିବାର ପ୍ରଥା ବନ୍ଦହେଉ । ଭୟରେ ହେଉକି ଭକ୍ତିରେ ହେଉ, କାଉଡ଼ିଆମାନେ ଶିବଙ୍କ ଉପରେ ପାଣି ଢ଼ାଳନ୍ତୁ ମନା ନାହିଁ, ମାତ୍ର ଯାକୁ ଫେସନ କରି ପ୍ରଚାରସର୍ବସ୍ୱ ନକରନ୍ତୁ । ଏଲ୍ଇଡି ଲାଇଟ୍, ଗେରୁଆ ବସ୍ତ୍ର, ପ୍ଲାଷ୍ଟିକ୍ ସାପ ଲାଗିଥିବା ବାହୁଙ୍ଗୀ... ଏସବୁ ଭକ୍ତିର ପରିଚାୟକ ନୁହେଁ, ବରଂ ମନରେ ଭକ୍ତିଭାବ ଥିଲେ ନିଜଘର ପାଖରେଥିବା ଯେକୌଣସି ଶୈବାଳୟ ବି ପାଲଟିଯିବ ପୁଣ୍ୟ ପୀଠ, ନା କ'ଣ କହୁଛନ୍ତି ଆପଣ.. ?

**ଛାଣ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ଫ୍ଲାକ୍ସସିଡ୍ ଆଇସ୍ କ୍ୟୁବ୍



**ମାନସୁନ୍ ସମୟରେ ଫ୍ଲକ୍ସ ମଞ୍ଜିରୁ ନିର୍ମିତ ବରଫ କ୍ୟୁବ୍ ବ୍ୟବହାର କରିବା ଅତ୍ୟନ୍ତ ଲାଭଦାୟକ। ଏହିଭଳି ସମୟରେ ଚେହେରାରେ ବାରମ୍ବାର ଚିପ୍‌ଚିପା ପଣ, ଝାଳ, ପିମ୍ପଲ୍ ଏବଂ ପୋରସ୍ ଭଳି ସମସ୍ୟା ମଧ ଦେଖାଯାଏ। ଫ୍ଲାକ୍ସସିଡ୍‌ରେ ଉପସ୍ଥିତ ଥିବା ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ମିଳିଥାଏ। ଏହି ଫ୍ଲାକ୍ସସିଡ୍ ଆଇସ୍ କ୍ୟୁବ୍ ଲଗାଇବା ଦ୍ୱାରା ଢିଲା ଚର୍ମକୁ ଟାଇଟ ରଖିବା ସହ ଏକ୍ସଟ୍ରା ଅଏଲ୍‌କୁ ମଧ ନିୟନ୍ତ୍ରଣ କରିଥାଏ। ସେଥିପାଇଁ ବର୍ଷା ଋତୁରେ ପ୍ରାକୃତିକ ଗ୍ଲୋ ପାଇବା ପାଇଁ ଫ୍ଲାକ୍ସସଡ୍ ଆଇସ୍ କ୍ୟୁବ୍ ବ୍ୟବହାର କରିବା ଜରୁରୀ।**

ଗୋଟିଏ ପାତ୍ରରେ ୧କପ୍ ପାଣି ନେବେ ସେଥିରେ ୨ଚାମଚ ଫ୍ଲକ୍ସ ମଞ୍ଜି ମିଶାଇ ଗ୍ୟାସ୍‌କୁ ଧିମା ଆଞ୍ଚରେ ରଖି ଫୁଟାନ୍ତୁ। ଏହି ପାଣି ଫୁଟି ମୋଟା ଜେଲ୍ ପରି ହୋଇଗଲେ ଗ୍ୟାସ୍ ବନ୍ଦ କରିଦେବେ। ସେହିପରି ଏହି ମିଶ୍ରଣକୁ ଏକ ଥାଳିରେ ବାହାର କରି ଥଣ୍ଡା ହେବା ପାଇଁ ରଖିବେ। ଏହା ଥଣ୍ଡା ହୋଇଯିବାପରେ ଏହାକୁ ସଫା କପଡ଼ା କିମ୍ବା ଛଙ୍କା ସାହାଯ୍ୟରେ ଛାଣି ନେବେ। ଏହି ଜେଲ୍‌ରେ ଗୋଟିଏ ଚାମଚ ଗୋଲାପ ଜଳକୁ ପକାଇ ଭଲ ଭାବରେ ମିଶାନ୍ତୁ। ତାହାପରେ ଏହି ମିଶ୍ରଣକୁ ବରଫ ଟ୍ରେରେ ଢାଳି ଫ୍ରିଜରେ ରଖନ୍ତୁ। ତେବେ ଏହି ଫ୍ଲାକ୍ସସିଡ୍ ବରଫ କ୍ୟୁବ୍‌କୁ ଦ୍ୱଚାରେ ବ୍ୟବହାର କରିପାରିବେ।

ସର୍ବପ୍ରଥମେ, ମୁହଁକୁ ଫେସ୍‌ୱାସ୍‌ରେ ଧୋଇ ଦିଅନ୍ତୁ ଏବଂ ଏହା ଶୁଖିଯିବା ପରେ ବରଫ କ୍ୟୁବ୍‌କୁ ସୂତା କପଡ଼ାରେ ଗୁଡ଼ାଇ ନିଅନ୍ତୁ। ଗୁଡ଼ାଇ ରଖିଥିବା ବରଫ କ୍ୟୁବ୍‌କୁ ୫୦ରୁ୬୦ ସେକେଣ୍ଡ ପର୍ଯ୍ୟନ୍ତ ମୁହଁ ଏବଂ ବେକରେ ଧୀରେ ଧୀରେ ମସାଜ୍ କରନ୍ତୁ। ମସାଜ୍‌ର ୫ମିନିଟ୍ ପରେ ମୁହଁରେ ହାଲୁକା ମଶ୍ଚରାଇଜର କିମ୍ବା ଆଲୋଭେରା ଜେଲ୍ ଲଗାନ୍ତୁ। ଏହି ଫ୍ଲାକ୍ସସିଡ୍ ଆଇସ୍ କ୍ୟୁବ୍ ସପ୍ତାହରେ ୨ରୁ୩ ଥର ଲଗାଇଲେ ଦ୍ୱଚାର ନାଚୁରାଲ ଗ୍ଲୋ ଆସିଥାଏ।



ରୋଷେଇ ଘରୁ

# ଚିକେନ୍ କଚୋଡ଼ି



## ଆବଶ୍ୟକ ସାମଗ୍ରୀ:

ବୋନ୍‌ଲେସ୍ ଚିକେନ୍, ମଇଦା, ପିଆଜ, ରସୁଣ, ଅଦା, କଞ୍ଚାଲଙ୍କା, ଗୋଲମରିଚ ଗୁଣ୍ଡ, ଗରମ ମସଲା, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ତେଲ, ଲୁଣ ସ୍ୱାଦ ଅନୁଯାୟୀ।

## ପ୍ରଣାଳୀ:

ବୋନ୍‌ଲେସ୍ ଚିକେନ୍ ସିଝେଇ ନେବେ। ଚିକେନ୍ ସିଝାକୁ ହାଲୁକା ଗ୍ରାଇଣ୍ଡିଂ କରନ୍ତୁ। ପିଆଜ, ଅଦା, ରସୁଣ, କଞ୍ଚାଲଙ୍କାକୁ ଗ୍ରାଇଣ୍ଡିଂ କରି ରଖିବେ। କଡ଼େଇରେ ତେଲ ଦେଇ ଗ୍ରାଇଣ୍ଡିଂ କରି ରଖିଥିବା ମସଲାକୁ କଷନ୍ତୁ। ମସଲା ଅଳ୍ପ କଷା ହୋଇଗଲେ ସେଥିରେ ଗ୍ରାଇଣ୍ଡିଂ କରି ରଖିଥିବା ମାଂସକୁ ଦେଇ ଭାଜିବେ। ସେହି ମସଲାରେ ସମସ୍ତ ଗୁଣ୍ଡ ମସଲା ପକାଇ କଷନ୍ତୁ। ଗୋଟିଏ ଗିନାରେ ମଇଦା, ଲୁଣ, ଘିଅ, ପାଣିକୁ ଭଲ ଭାବେ ଚକଟି ଦିଅନ୍ତୁ। ଏହି ଚକଟା ମଇଦାରେ ପିଠା ଭଳି ଖୋଳକରି ମାଂସ ମସଲା ପୁର ଦେବେ। ଏହି ପିଠାକୁ ଅଳ୍ପ ଚାପି ତେଲରେ ଛାଣିବେ। ଏହାକୁ ବ୍ରାଇନ୍ କଲର୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଶେଷରେ ଏହି ମାଂସ କଚୋଡ଼ିକୁ ସମସ୍ତଙ୍କୁ ଖାଇବା ପାଇଁ ଦିଅନ୍ତୁ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** ବିରୋଧୀଙ୍କ ଉପରେ ଭାରୀ ପଡ଼ିବେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ସହକର୍ମୀଙ୍କ ସହିତ ପ୍ରତିଯୋଗିତା ବୃଦ୍ଧି ହେବ। ବୟସ୍କମାନଙ୍କୁ ସମ୍ମାନ କରିବେ। ରକ୍ଷାବନ୍ଧନରେ ଉପହାର ଦେବେ।

**ବୃଷ** ଇଣ୍ଟରନେଟ୍ ଜରିଆରେ ସମ୍ପର୍କ ମଜଭୁତ କରିବେ। କାର୍ଯ୍ୟକ୍ଷେତ୍ରରେ କିଛି ନୂଆ କରିବା ପାଇଁ ପ୍ରୟାସ କରିବେ। ବିତ୍ତୀୟ ରିସ୍କ ନନେଲେ ଭଲ। ପିତାଙ୍କ ସମ୍ମାନ ରକ୍ଷା କରିବେ।

**ମିଥୁନ** ଅନଲାଇନ୍ ବ୍ୟବସାୟୀ ଲାଭାନ୍ୱିତ ହେବେ। ଟ୍ରେଣ୍ଡ୍ ଅନୁସାରେ ଅପ୍‌ଡେଟ୍ ନେବେ। କାର୍ଯ୍ୟକ୍ଷେତ୍ରରେ ସ୍ଥିତି ଆପଣଙ୍କ ପକ୍ଷରେ ଯିବ। ଅଫିସ୍ ଟୁର୍ ଲାଭକାରୀ ରହିବ।

**କର୍କଟ** ରାହୁ ଦୋଷ ରହିଛି। ନୂଆ କାମ ଆରମ୍ଭ ନକଲେ ଭଲ। ଅଫିସିଆଲି ଫାଇଲ୍ ବଢ଼ିଆ ରହିବ। ନିର୍ଣ୍ଣୟ ନେବାବେଳେ ବରିଷ୍ଠଙ୍କ ସହଯୋଗ ନେବେ। ମାର୍କେଟିଂରେ କମ୍ ପରିଣାମ ପାଇବେ।

**ସିଂହ** ବ୍ୟବସାୟ ବିସ୍ତାର ହେବ। ଡିଜିଟାଲ୍ ମାର୍କେଟିଂରେ ଲାଭାନ୍ୱିତ ହେବେ। ବଡ଼ ପାର୍ଟି ତରଫରୁ ବ୍ୟବସାୟିକ ପ୍ରସ୍ତାବ ମିଳିପାରେ। କାର୍ଯ୍ୟପ୍ରଣାଳୀରେ ପରିବର୍ତ୍ତନ ପାଇଁ ପରାମର୍ଶ ନେବେ।

**କନ୍ୟା** ଦିନଟି ଅନୁକୂଳ। ନୂଆ କାମ କରିବା ପୂର୍ବରୁ ବିଚାର କରିବେ। ଅଫିସ୍‌ରେ କାହାକୁ ଖରାପ କରି କହିବେ ନାହିଁ। ନୂଆ ସଦସ୍ୟଙ୍କ ଆଗମନରେ ରକ୍ଷାବନ୍ଧନ ପର୍ବ ପାଳନ କରିବେ।

**ତୁଳା** ପୁରୁଣା ନିବେଶରୁ ବଢ଼ିଆ ରିଟର୍ଣ୍ଣ ପାଇବେ। ଧନ ପ୍ରାପ୍ତି ଯୋଗ ଅଛି। କର୍ପୋରେଟ୍ ମିଟିଂରେ ସଫଳତା ମିଳିବ। ମନୋବଳ ବୃଦ୍ଧି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ପ୍ରୋଜେକ୍ଟ ସଫଳ ହେବ।

**ବିଛା** ଖର୍ଚ୍ଚ ବୃଦ୍ଧି ଯୋଗ ଅଛି। ଆର୍ଥିକ ମାମଲାରେ ଅନ୍ୟ ଉପରେ ଭରସା ନକଲେ ଭଲ। କାର୍ଯ୍ୟସ୍ଥଳରେ ବିବାଦ ହୋଇପାରେ। ହାତରୁ ପ୍ରୋଜେକ୍ଟ ଚାଲିଯିବ। କ୍ରୋଧ ଉପରେ ନିୟନ୍ତ୍ରଣ ଜରୁରୀ।

**ଧନୁ** ଆର୍ଥିକ ମାମଲାରେ ବଡ଼ ଲାଭ ମିଳିବ। ଚୌଘଡ଼ିରେ ମହତ୍ତ୍ୱପୂର୍ଣ୍ଣ ଅନୁବନ୍ଧ ହାସଲ କରିବେ। କାର୍ଯ୍ୟକ୍ଷେତ୍ର ଚାପମୁକ୍ତ ରହିବ। ଜୀବନସାଥୀ ସହିତ ମନଖୋଲି ସୁଖ, ଦୁଃଖ ବାଣ୍ଟିବେ।

**ମକର** କାରୋବାରୀ ସୌଦାରେ ପାରଦର୍ଶିତା ଜରୁରୀ। ଜନସମ୍ପର୍କର ପରିସର ବୃଦ୍ଧି କରନ୍ତୁ। ମଧୁର ବାଣୀର ବ୍ୟବହାର କରିବେ। ଶୁଣାକଥା ଉପରେ ଭରସା ନକଲେ ଭଲ। ଘରେ ସୁଖ-ଶାନ୍ତି ରହିବ।

**କୁମ୍ଭ** ଭାଗ୍ୟର ଭରପୂର ସହଯୋଗ ପାଇବେ। ଜମିବାଡ଼ି କାର୍ଯ୍ୟରେ ସଫଳତା ପାଇପାରନ୍ତି। ବିରୋଧୀଙ୍କୁ ପରାସ୍ତ କରିବେ। ଆରମ୍ଭ କରିଥିବା କାମ ସମ୍ପୂର୍ଣ୍ଣ କରିବେ। ପରିବାର ସହିତ ସୁଖଦ ସମୟ ବିତେଇବେ।

**ମୀନ** ପୈତୃକ ବ୍ୟବସାୟର ସମାଧାନ କରିବେ। ଅଫିସ୍‌ରେ ଏକାଗ୍ରତା ରଖନ୍ତୁ। ଜୀବନସାଥୀଙ୍କ ପରାମର୍ଶରେ ବ୍ୟବସାୟ ଆଗକୁ ବଢ଼ିବ। ଆର୍ଥିକ ମୁଦ୍ଦାକୁ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ କରିବେ।

ପ୍ରକୃତି ଓ ପର୍ଯ୍ୟଟନ

# ‘କୀଚକେଶ୍ୱରୀ’





ଓଡିଶାର ସର୍ବପୁରାତନ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ହେଉଛି କିଚକେଶ୍ୱରୀ ପୀଠ। ଦେବୀ କୀଚକେଶ୍ୱରୀ ମନ୍ଦିର ହେଉଛି ଏକ ପୁରାତନ ହିନ୍ଦୁ ଠାକୁରାଣୀଙ୍କ ମନ୍ଦିର। ଏଠାରେ ମାଆ କୀଚକେଶ୍ୱରୀ ପୂଜା ପାଉଛନ୍ତି ଓ ଏହି ମନ୍ଦିରଟି ଓଡିଶାର ମୟୁରଭଞ୍ଜ ଜିଲ୍ଲାର ଖିଚିଙ୍ଗରେ ରହିଛି। ଯାହାଥିଲା ଭଞ୍ଜ ରାଜବଂଶର ପୁରୁଣା ରାଜଧାନୀ। ଏହା ଓଡିଶାର ବାଲେଶ୍ୱର ଜିଲ୍ଲା ଠାରୁ ୨୦୫ କିଲୋମିଟର ଓ ମୟୁରଭଞ୍ଜ ଜିଲ୍ଲାର ବାରିପଦା ସହରଠାରୁ ୧୫୦ କିଲୋମିଟର ଦୂରରେ ରହିଛି। ମୟୁରଭଞ୍ଜର ପ୍ରମୁଖ ଆରାଧ୍ୟା ଦେବୀ ଭାବରେ କୀଚକେଶ୍ୱରୀ ଭକ୍ତଙ୍କ ପାଇଁ ଆସ୍ଥାନ ଜମାଇ ରହିଛନ୍ତି। ଦେବୀ କିଚକେଶ୍ୱରୀ ଭଞ୍ଜ ରାଜବଂଶର ଇଷ୍ଟଦେବୀ ଥିଲେ। ଏହି ମନ୍ଦିର କେବଳ ମୟୁରଭଞ୍ଜର ରାଜାମହାରାଜଙ୍କ ମନ୍ଦିର ନୁହେଁ ମାଆ କୀଚକେଶ୍ୱରୀ ସମସ୍ତ ସ୍ଥାନୀୟ ଲୋକଙ୍କ ପ୍ରିୟ ଠାକୁରାଣୀ ଅଟନ୍ତି। ମାଆ କୀଚକେଶ୍ୱରୀ ଭଞ୍ଜବଂଶର ଇଷ୍ଟଦେବୀ ହୋଇଥିବାରୁ, ସମୟକ୍ରମେ ଯେଉଁ ରାଜାମାନେ ରାଜସିଂହାସନ ଅଧିଷ୍ଠିତ ହେଉଥିଲେ, ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ମାଆଙ୍କ ବିନା ଆଜ୍ଞାରେ କରୁ ନଥିଲେ । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ମାଆଙ୍କ ପାଖରେ ଯିଏ ଯାହା ମାନସିକ କରିଥାନ୍ତି, ସମସ୍ତଙ୍କର ତାହା ପୂରଣ ହୋଇଥାଏ । ତେଣୁ ଏହି ବିଶ୍ୱାସ ଅନୁସାରେ ବର୍ଷଯାକ ଭକ୍ତଙ୍କ ଭିଡ ସବୁବେଳେ ଲାଗିରହିଥାଏ । କିମ୍ବଦନ୍ତୀ ମୁତାବକ ଏହି ମନ୍ଦିର ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ନିର୍ମାଣ କରାଯାଇଥିଲା। ଏହି ମନ୍ଦିରକୁ ଶହ ଶହ ବର୍ଷ ବିତି ଯାଇଥିବାରୁ, ମନ୍ଦିରର ଅନେକାଂଶ କାଳକ୍ରମେ ମରାମତି କରାଯାଇଥିବା ସ୍ଥାନୀୟ ଲୋକ କୁହନ୍ତି। ଏହା ମୁଗୁନି ପଥରରେ ନିର୍ମାଣ ହୋଇଥିବାରୁ ଏହାକୁ ମରାମତି କରିବାକୁ ଅଧିକ କଷ୍ଟ କରିବାକୁ ହୋଇଥିଲା। ମା’ଙ୍କ ଦର୍ଶନ ନିମନ୍ତେ ଭକ୍ତମାନଙ୍କ ପାଇଁ ମନ୍ଦିର ସକାଳ ୫ରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ସେହି ସମୟ ମଧ୍ୟରେ ମନ୍ଦିର ପହଡ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୩ ପର୍ଯ୍ୟନ୍ତ ପଡିରହିଥାଏ।



## ସ୍ଥାପତ୍ୟ



ଦେବୀ କୀଚକେଶ୍ୱରୀଙ୍କର ଏହି ମନ୍ଦିର ମୁଗୁନିପଥରରେ ନିର୍ମାଣ କରାଯାଇଛି। ମୁଗୁନିପଥରକୁ ଖୋଳି ଅତି ସୁନ୍ଦର ଭାବରେ ଅନେକ ଚିତ୍ରବିଚିତ୍ର ଅଙ୍କାଯାଇ କାରୁକାର୍ଯ୍ୟ କରାଯାଇଛି। ଏହି ମନ୍ଦିର କଳିଙ୍ଗ ସ୍ଥାପତ୍ୟରେ ନିର୍ମାଣ କରାଯାଇଛି । ଓଡିଶାରେ ଏହିଭଳି କଳିଙ୍ଗ ସ୍ଥାପତ୍ୟରେ ନିର୍ମାଣ କରାଯାଇଥିବା ଅନ୍ୟ ଦୁଇଟି ମନ୍ଦିର ହେଲା ବ୍ରହ୍ମେଶ୍ୱର ମନ୍ଦିର ଓ ଲିଙ୍ଗରାଜ ମନ୍ଦିର। ମାଆ କୀଚକେଶ୍ୱରୀଙ୍କ ମନ୍ଦିର ୧୭୬୪ ବର୍ଗଫୁଟ ଅଞ୍ଚଳରେ ନିର୍ମାଣ ହୋଇଛି ଏବଂ ଏହାର ଉଚ୍ଚତା ୧୦୦ ଫୁଟ୍। ଏହା ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିବାରୁ ସମୟକ୍ରମେ ଭାଙ୍ଗିରୁଜି ଯାଇଥିବାରୁ ଏହାକୁ ମରାମତି କରିବାକୁ ପଡିଥିଲା। ଏହାକୁ ମୟୁରଭଞ୍ଜର ଶେଷ ରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ୧୯୩୪ରେ ୮୫ ହଜାର ଟଙ୍କା ଖର୍ଚ୍ଚ କରି ଏହାର ପୂର୍ଣ୍ଣଉଦ୍ଧାର କରିଥିଲେ। ଅତି ସଚେତନତାର ସହିତ ଏହାର କାରୁକାର୍ଯ୍ୟକୁ ଧ୍ୟାନରେ ରଖି ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା । ଯାହା ଫଳରେ ପ୍ରଥମରୁ ନିର୍ମାଣ କରାଯାଇଥିବା ସମସ୍ତ କାରୁକାର୍ଯ୍ୟ ଏବେ ବି ପୂର୍ବ ପରି ଅତୁଟ ରହିଛି। ଏହି ମନ୍ଦିରଟି ପୂର୍ବ ପାର୍ଶ୍ୱକୁ ରହିଛି ମୁଖଶାଳା। ଏହା ଗର୍ଭଗୃହରେ ପୂଜା ପାଉଛନ୍ତି ମାଆ କୀଚକେଶ୍ୱରୀ। ଏହି ମନ୍ଦିରର ବାହାରପଟେ ଅନେକ ଦେବଦେବୀଙ୍କ ଛବି ଅଙ୍କା ଯାଇଛି। ଯେମିତି କି ଏହାର ପାର୍ଶ୍ୱଦେବତା ଭାବରେ ନାଗ-ନାଗୁଣୀ, ଗଣେଶ, ଅର୍ଦ୍ଧନାଗେଶ୍ୱର, କାର୍ତ୍ତିକ, ବୈଷ୍ଣବୀ, ନନ୍ଦୀ, ଖର୍ଖରାମୁଣ୍ଡି ଏବଂ ଅନ୍ୟାନ୍ୟ ଦେବାଦେବୀଙ୍କ ଚିତ୍ର ଅଙ୍କା ଯାଇଛି । ଏହି ମନ୍ଦିରର କରାଯାଇଥିବା ଅନେକ କାରୁକାର୍ଯ୍ୟ ମଧ୍ୟରେ ନାଗନାଗୁଣୀର ଚିତ୍ର ସମସ୍ତଙ୍କ ପାଇଁ ବେଶ୍ ମନମୁଗ୍ଧକର।



ଏଠାକୁ ଗମନାଗମନର ବିଶେଷକିଛି ଅସୁବିଧା ନାହିଁ। ରାଜଧାନୀ ଭୁବନେଶ୍ୱରରୁ ଯିବାକୁ ହେଲେ ବସ୍, କାର, ବାଇକ୍ ଯୋଗେ ଯାଇପାରିବେ। ନଚେତ ରେଳଷ୍ଟସନ ବାରିପଦା କିମ୍ବା ବାଲେଶ୍ୱରରୁ ଓହ୍ଲେଇ ବସ୍, କ୍ୟାବ୍ ଯୋଗେ ଯାଇପାରିବେ। ଏହାର ଦୂରତା ଭୁବନେଶ୍ୱର ଠାରୁ ୨୫୦ରୁ ୨୬୦ କିଲୋମିଟର ହୋଇଥିବାରୁ ଆପଣ ୫/୬ ଘଣ୍ଟା ମଧ୍ୟରେ ସେଠାରେ ପହଞ୍ଚିପାରିବେ।

ମନୋରଞ୍ଜନ

# ଶେଷ ଅଙ୍କର ଶେଷେ ଯବନିକା...
# ଯେବେ ପଡ଼ିଯିବ ଫେରିଯିବି ଏକା





**ସଙ୍ଗୀତର ମୂର୍ଚ୍ଛନା ତୋଳି ଦୀର୍ଘ ଦଶନ୍ଧି ଧରି ଯେଉଁ ସଙ୍ଗୀତର ଲାଳିତ୍ୟ ଧରି ରଖିଥିଲେ, ଆଜି ବି ଗୁଞ୍ଜରିତ ହୁଏ କାନେ କାନେ। ଓଡ଼ିଆ ସଙ୍ଗୀତର ପରିଚିତ ଓ ପ୍ରସିଦ୍ଧି ପାଇଁ ଯେଉଁ କେତେଜଣଙ୍କ ଅବଦାନ ରହିଛି, ସେଥିମଧ୍ୟରୁ ପ୍ରଣବ ପଟ୍ଟନାୟକ ଥିଲେ ଅନ୍ୟତମ। ସେ ଓଡ଼ିଶା ସଙ୍ଗୀତ ଜଗତ ଭାଗ୍ୟାକାଶରେ ଥିଲେ ଜଣେ ଜ୍ୟୋତିଷ୍କ। ସଙ୍ଗୀତକୁ ଜୀବନ ତ ଖାଲି କରି ନଥିଲେ ବରଂ ନିଜ ଶିରାପ୍ରଶିରାରେ ବୁହାଇ ଦେଇଥିଲେ ସଙ୍ଗୀତର ଶର୍କରା। ପିଲାଟିବେଳୁ ବଡ଼ ଭଉଣୀଙ୍କ ସଙ୍ଗୀତ ଶିକ୍ଷାରୁ ସେ ହୋଇଥିଲେ ପ୍ରଭାବିତ। ନିଜେ ଲୁଚି ଲୁଚି ଆଇନା ସାମ୍ନାରେ ଗୀତ ବୋଲିବା ଅଭ୍ୟାସ କରୁଥିଲେ। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଥିଲେ ତାଙ୍କର ଆଦ୍ୟଗୁରୁ। ମା' ଚଳଚ୍ଚିତ୍ରରେ ପ୍ରଥମେ କଣ୍ଠଦାନ କରିବା ପୂର୍ବରୁ ଆକାଶବାଣୀରେ ଜଣେ ନିୟମିତ କଣ୍ଠଶିଳ୍ପୀ ଭାବରେ କ୍ୟାରିୟର ଆରମ୍ଭ କରିଥିଲେ। ୧୯୫୮ରେ ମା' ଚଳଚ୍ଚିତ୍ରରେ ପ୍ରଥମେ ଗୀତ ଗାଇଥିଲେ ସିନା ୧୯୬୦ରେ ଶ୍ରୀ ଲୋକନାଥ ଚଳଚ୍ଚିତ୍ରର ଗୀତ ତାଙ୍କୁ ପ୍ରସିଦ୍ଧି ଦେଇଥିଲା। 'ମିଛ ଏ ବନ୍ଧନ ଚାହେଁନା' ଓ 'ତୁ ପରଦେଶୀ ନିଜ ଦେଶେ' ଗୀତ ଦୁଇଟିରେ ସାରା ଓଡ଼ିଶାର ଶ୍ରୋତାଙ୍କ ମନ କିଣି ନେଇଥିଲେ। ଅନେକ ଲୋକପ୍ରିୟ ଗୀତ ଗାଇ ହୃଦୟ ଜୟ କରିଥିବା ପ୍ରଣବଙ୍କୁ 'ନିତିଦିନ' ପକ୍ଷରୁ ଶ୍ରଦ୍ଧା ସୁମନ।**

**ଜନ୍ମ-୨୦ ଜାନୁଆରୀ, ୧୯୩୮**
**ମୃତ୍ୟୁ-୨୧ ଅଗଷ୍ଟ, ୨୦୨୬, ଭୁବନେଶ୍ୱର**













ପ୍ରଣବ ପଟ୍ଟନାୟକ...ନାଁ ତ ନୁହେଁ, ବରଂ ଏକ ସଙ୍ଗୀତର ସାମ୍ରାଜ୍ୟ। ଯେଉଁଠି ସେ ଅଧିପତି, ସେ ମଧ୍ୟ ଭିନ୍ନ ଜଣେ ସଙ୍ଗୀତ ଈଶ୍ୱର। ଭାବ ଓ ସଙ୍ଗୀତ ମହାମିଳନୀରେ ସେ ମନର ଅଗଣାରେ ଆଙ୍କି ଦେଇଥିଲେ ଅନୁଭବର ମୁରୁଜ। ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ସଙ୍ଗୀତ ଦୁନିଆକୁ ନିଜର ମଧୁର ସ୍ୱରରେ ବାନ୍ଧି ରଖିଥିଲେ ସ୍ୱର ସମ୍ରାଟ ପ୍ରଣବ ପଟ୍ଟନାୟକ। ପିତା ସ୍ୱର୍ଗତ ଲାଲ୍ ମୋହନ ପଟ୍ଟନାୟକ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଓ ରାଜନେତା।



ପିତାଙ୍କ ପ୍ରେରଣା ପାଇ ଓ ଗୁରୁ କୁନାଲ୍ ଆଦିନାରାୟଣ ରାଓଙ୍କ ଠାରୁ ସଙ୍ଗୀତ ଶିକ୍ଷା ଲାଭ କରି ସେ ସଙ୍ଗୀତ କ୍ଷେତ୍ରରେ ପାଦ ପକାଇଥିଲେ। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ହିଁ ଦେଖିପାରିଥିଲେ ବାଳକ ପ୍ରଣବଙ୍କ ଭିତରେ ଏକ ଆଗାମୀ ସଙ୍ଗୀତକାରଙ୍କୁ। ଓଡ଼ିଶୀ, ଲୋକଗୀତ, ଭଜନ, ଅର୍ଦ୍ଧ-ଶାସ୍ତ୍ରୀୟ, ପାରମ୍ପରିକ, ହିନ୍ଦୀ ଗୀତ ଓ ଗଜଲ୍ ଆଦି ବିଭିନ୍ନ ବିଭାଗରେ ନିଜର କଣ୍ଠଦାନ ସେ କରିଛନ୍ତି। ଜାତୀୟ ସ୍ତରରେ କଳାକାରମାନଙ୍କ ସହିତ କାମ କରିବାର ସୁଯୋଗ ମଧ୍ୟ ସେ ପାଇଥିଲେ ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଭୂପିନ୍ଦର ସିଂହ, ନିର୍ମଳା ମିଶ୍ର, ଉଷା ମଙ୍ଗେସକର, ବାଣୀ ଜୟରାମ, ଏସ୍ ଜାନକୀ। ପ୍ରଥମ ଗଜଲ୍ ଆଲବମ୍ ଶବ୍-ଏ-ଗଜଲ୍ ମୁକ୍ତିଲାଭ କରିଥିଲା। ଏହାର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ପଣ୍ଡିତ ହରିପ୍ରସାଦ ଚୌରାଶିଆ। ଏଥିରେ ଶ୍ରୀମତୀ ଦେବକୀ ପଣ୍ଡିତ ତାଙ୍କ ସହିତ କଣ୍ଠଦାନ କରିଥିଲେ। ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର 'ମା'ରେ ପ୍ରଥମ ଥର ପାଇଁ ଗାଇବାର ସୁଯୋଗ ପାଇଥିଲେ ପ୍ରଣବ ପଟ୍ଟନାୟକ। ଶ୍ରୀ ଲୋକନାଥ, ସୂର୍ଯ୍ୟମୁଖୀ, ସିନ୍ଦୁର ବିନ୍ଦୁ, ଶେଷ ଶ୍ରାବଣ, ଚିହ୍ନା ଅଚିହ୍ନା, ବତୀଘର ଆଦି ଚଳଚ୍ଚିତ୍ର ତାଙ୍କୁ ପହଞ୍ଚାଇ ଦେଇଥିଲା ଲୋକପ୍ରିୟତାର ଶୀର୍ଷରେ।

ଜୀବନରେ ଅନେକ ଜାତୀୟ ସ୍ତରର କଳାକାରମାନଙ୍କ ସହିତ କାମ କରିବାର ସୁଯୋଗ ତାଙ୍କୁ ମିଳିଥିଲା। ଏହାପରେ କେବେ ମଧ୍ୟ ଆଉ ପଛକୁ ଫେରି ସେ ଚାହିଁ ନଥିଲେ। ଦଶନ୍ଧି ଦଶନ୍ଧି ଧରି ତାଙ୍କ ସୁମଧୁର କଣ୍ଠ ଓଡ଼ିଆ ସଙ୍ଗୀତପ୍ରେମୀଙ୍କ ମନ ଜିତି ପାରିଥିଲା। ଚଳଚ୍ଚିତ୍ର ଗୀତ ଠାରୁ ଆରମ୍ଭ କରି ଆଧୁନିକ ଓ ଭାବପ୍ରବଣତାର ଗୀତ ପର୍ଯ୍ୟନ୍ତ ତାଙ୍କ କଣ୍ଠର ରହିଛି ସ୍ୱତନ୍ତ୍ର ପରିଚୟ। ପ୍ରଣବ ପଟ୍ଟନାୟକ ୫୦ରୁ ଅଧିକ ଚଳଚ୍ଚିତ୍ରରେ କଣ୍ଠଦାନ କରି ସାତ ଥର ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। କେବଳ ଚଳଚ୍ଚିତ୍ର ଗୀତ ନୁହେଁ, ବରଂ ଓଡ଼ିଶୀ, ଭଜନ, ସେମି-କ୍ଲାସିକାଲ୍, ଆଧୁନିକ, ପଲ୍ଲୀଗୀତ ଏବଂ ଗଜଲ୍ ଗାଇ ଲକ୍ଷ ଲକ୍ଷ ଶ୍ରୋତାଙ୍କ ହୃଦୟ ଜିତିଥିଲେ। ତାଙ୍କର କିମ୍ବଦନ୍ତୀ ସଙ୍ଗୀତଗୁଡ଼ିକ ମଧ୍ୟରେ ରହିଛି ମନ ମାନେନା, ସୀତା ରାମ ନାମ, ଆଉ ଛୁଆଁନା ଛୁଆଁନା ଓ ତୁମେ ଜାଣନା କି ମୁଁ ଜାଣେନା ଭଳି କାଳଜୟୀ ଗୀତ ଯେଉଁଗୁଡ଼ିକ ହାସଲ କରିଛି ବେଶ୍ ଲୋକପ୍ରିୟତା। ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଯୋଗଦାନ ପାଇଁ ତାଙ୍କୁ ରାଜ୍ୟର ସର୍ବୋଚ୍ଚ ସମ୍ମାନ ଜୟଦେବ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବେତାର, ଦୂରଦର୍ଶନ ଓ ଆଲ୍‌ବମ୍ ମାଧ୍ୟମରେ ସେ ବହୁ ଭଜନ ଓ ଆଧୁନିକ ସଙ୍ଗୀତ ଓଡ଼ିଆ ଶ୍ରୋତାମାନଙ୍କୁ ଭେଟି ଦେଇଛନ୍ତି। ଆଜି ତାଙ୍କ ବିୟୋଗରେ ଓଡ଼ିଶାର କଳା ଓ ସଂସ୍କୃତି ଜଗତରେ ସୃଷ୍ଟି ହୋଇଛି ଏକ ଅପୂରଣୀୟ ଶୂନ୍ୟସ୍ଥାନ। ସେ ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ଆଜି ସେ ଆମ ଗହଣରେ ନଥିଲେ ମଧ୍ୟ ସମସ୍ତଙ୍କ ହୃଦୟରେ ସେ ରହିବେ ଚିର ଅମର ହୋଇ।



## ପ୍ରଣବଙ୍କ କଣ୍ଠରୁ କେତୋଟି କାଳଜୟୀ ଗୀତ

ଚାଲ ସଖୀ ଆମ୍ଭେ, ପୂରିଲା ଆଶା ମୋର, ରୂପସୀ ରାଣୀ ଗୋ ମୋର, ଏମିତି ରାତି ଯେ ଅଭୁଲା ସ୍ମୃତି, ଯାରେ ମାଝୀ ଯା ତୁ ନୌକା ବାହି ଯା, ସୀମାହୀନ ଦରିଆ ସାଥୀହୀନ ଦୁନିଆ, ଆହା କି ବଢ଼ିଆ ଯୋଡ଼ି ତୋର ମୋର, ଛଇ ଛବେଲି ରଙ୍ଗ ରଙ୍ଗେଲି, ଆରେ ମିତ ଆ ସଙ୍ଗାତ, ଇନ୍ଦ୍ରଧନୁର ସପ୍ତରଙ୍ଗ, ସାଥୀରେ ଆମ ଗୀତରେ, ଅନ୍ତରେ କାନ୍ଦେ ବାହାରେ ହସେ, ଏ ନୀଳଆଖି, ଏଇ ଛୋଟ କଥାଟିଏ ଭୁଲନା, ତୁ କି ପରଦେଶୀ ନିଜ ଦେଶେ, ପାହାଡ଼ର ସେପାଖେ ଆମ ଛୋଟ ଗାଁ, ରେ ଆମୃନ୍! ନିଦ୍ରା ପରିହରି।

**ଫିଲ୍ମ ପାଇଁ ପୁରସ୍କାର**-ସିନ୍ଦୂର ବିନ୍ଦୁ (୧୯୭୬), ଅସ୍ତରାଗ (୧୯୮୨), ଝିଅଟି ସୀତା ପରି (୧୯୮୩), କନ୍ୟାଦାନ (୧୯୮୮), ପ୍ରତିଶୋଧ ଅପରାଧ ନୁହେଁ (୧୯୮୯) ଏବଂ ଆଶା (୧୯୯୩)।

**ଜୀବନବ୍ୟାପି ସାଧନା ପାଇଁ ମିଳିଛି**- ୧୯୯୭-୯୮ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ବିଗ୍ ଓଡ଼ିଆ ଏଣ୍ଟରଟେନ୍‌ମେଣ୍ଟ ଆୱାର୍ଡ (୨୦୧୦), ପ୍ରଫୁଲ୍ଲ କର ସମ୍ମାନ (୨୦୧୧), ଗଙ୍ଗାଧର ରଥ ମେମୋରିଆଲ୍ ଆୱାର୍ଡ (୨୦୧୭), ଜୟଦେବ ସମ୍ମାନ (୨୦୧୬), ବାଳକୃଷ୍ଣ ଦାସ ମେମୋରିଆଲ୍ ଆୱାର୍ଡ (୨୦୨୩)।

## ଟ୍ରେନରେ ଗୀତ ଅଭ୍ୟାସ କରିଥିଲେ-

୧୯୫୮ ଓ ୧୯୫୯ରେ ସେ ଦୁଇଟି ଫିଲ୍ମରେ ଗୀତ ଗାଇଥିଲେ ବି ତାଙ୍କୁ ବିଶେଷ ସଫଳତା ମିଳି ନଥିଲା। ୧୯୬୦ରେ ବାଳକୃଷ୍ଣ ଦାଶଙ୍କ ସଙ୍ଗୀତ ନିର୍ଦ୍ଦେଶନାର ଶ୍ରୀଲୋକନାଥ ଫିଲ୍ମର ଗୀତ ରେକର୍ଡିଂ କୋଲକାତାରେ ଥାଏ। ତାଙ୍କୁ ହଠାତ ଗୋଟିଏ ଦିନ ପୂର୍ବରୁ ଜଣାଯାଇଥିଲା। ଫିଲ୍ମର ଗୀତ ବାବଦରେ ଗୀତ ବି ଜାଣି ନଥିଲେ। ଏମିତି ହୋଇଥିଲା, ସେ ଟ୍ରେନରେ ଯିବାବେଳେ ତାଙ୍କ ଗୁରୁ ବାଳକୃଷ୍ଣ ଦାଶ ଗୀତ ଅଭ୍ୟାସ କରାଇଥିଲେ। ଯେଉଁ ଗୀତ ତାଙ୍କୁ ସାରା ଓଡ଼ିଶାରେ ପରିଚିତ କରାଇଥିଲା।

## ଅଡିସନ୍ ନଦେଇ ଆକାଶବାଣୀର ନିୟମିତ କଣ୍ଠଶିଳ୍ପୀ

ଦିଲ୍ଲୀର ଏକ ଆକାଶବାଣୀ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ହେବା ପରେ କଟକ ଆକାଶବାଣୀରେ ଆଉ ଅଡିସନ୍ ଦେଇ ନଥିଲେ। ଅଡିସନ୍ ପାଇଁ ଅନେକ ନିୟମ ରହିଥିବା ସତ୍ତ୍ୱେ ବି ତାଙ୍କୁ ଜଣେ ସ୍ୱୀକୃତୀପ୍ରାପ୍ତ ଗୀତିକାର ଭାବରେ ଅନୁମତି ମିଳିଥିଲା। ସେ ସେହି ପ୍ରତିଯୋଗିତାରେ ଏତେ ଭଲ ପ୍ରଦର୍ଶନ କରିଥିଲେ ଯେ, ପ୍ରଥମ ତ ହେଲେ ସତ କିନ୍ତୁ ଅଡିସନ୍‌ର ସାମନା କରିବାକୁ ପଡ଼ି ନଥିଲା।

## ମିଳିଲାନି ପଦ୍ମଶ୍ରୀ-

ଓଡ଼ିଶାର ଜଣେ ବରେଣ୍ୟ ସଙ୍ଗୀତକାର ଭାବରେ ସେ ପଦ୍ମଶ୍ରୀ ପାଇବାକୁ ହକ୍‌ଦାର ହୋଇଥିଲେ ମଧ୍ୟ ମିଳି ନପାରିବା ନିହାତି ଏକ ଦୁଃଖଦ ବିଷୟ। ଏହି ପୁରସ୍କାର ମିଳିଥିଲେ, ଓଡ଼ିଶା ପାଇଁ ବୋଧହୁଏ ଏକ ସୌଭାଗ୍ୟ ଅର୍ଜନ କରିବାର ଗୌରବ ମିଳିପାରିଥାନ୍ତା। ମରଣୋତ୍ତର ଭାବରେ ପଦ୍ମଶ୍ରୀ ମିଳିବାକୁ ସରକାର ପ୍ରୟାସ କରିବା ଦରକାର।

■ ଲାଳନ ପାଳନ

# ପିଲା ଦୂରଛଡ଼ା ହେଉଛି କି ?

ଡକ୍ଟର ସୁରେଶ କୁମାର ନାୟକ

* ଭଗବାନଙ୍କ ସୁନ୍ଦର ପୃଥିବୀର ଅମୃତମୟ ସୃଷ୍ଟି ହେଉଛନ୍ତି ପିଲାମାନେ। ପିଲାମାନେ ଦୁନିଆକୁ ଭଲ ଭାବେ ଜାଣିବା ପୂର୍ବରୁ ବାପା-ମାଆ ଏବଂ ତାଙ୍କ ପରିବାରର ସମସ୍ତଙ୍କର ବଡ଼ ଦାୟିତ୍ୱଟି ହେଉଛି ପିଲାଟି ଯେପରି ଆଦର୍ଶ, ନୀତିନିଷ୍ଠ ଜୀବନର ସତ୍ୟ ପରାୟଣତା ଓ କର୍ମମୟ ଜୀବନ ଶୃଙ୍ଖଳିତ ହୋଇଥାଏ। ପିଲାମାନଙ୍କୁ ନିକଟତର କରିବାକୁ ହେଲେ ସେମାନଙ୍କୁ ଆଲିଙ୍ଗନ କରନ୍ତୁ । ତଦ୍ୱାରା ପିଲା ଆପଣଙ୍କ କଥାକୁ ଭଲ ଭାବରେ ଶୁଣିଥାଏ ।

* ପିଲା ସାଙ୍ଗସାଥୀଙ୍କ ସହ ଖେଳିବା ସମୟରେ କ'ଣ ହେଲା, ସ୍କୁଲରେ କ'ଣ ହେଲା, ଟିଭି ଓ ଆଖପାଖରେ କ'ଣ ଦେଖିଲା ସେ ବିଷୟରେ ଆଲୋଚନା କରନ୍ତୁ । ଏହାଦ୍ୱାରା ପିଲା ଆପଣଙ୍କ ନିକଟତର ହୋଇଥାଏ । ପିଲାର ବନ୍ଧୁମାନଙ୍କ ସହିତ ନିଜ ତରଫରୁ ମିଶିବା ପାଇଁ ଚେଷ୍ଟା କରନ୍ତୁ। ଅନ୍ୟ ମାନଙ୍କ ସାମ୍ନାରେ ପିଲାଟିକୁ ଅପମାନିତ କରନ୍ତୁ ନାହିଁ।

* ସାଙ୍ଗସାଥୀଙ୍କ ସହ ଯେମିତି କଥା ହେଉଛନ୍ତି, ପିଲାଙ୍କ ସହ ସେପରି କଥା ହୁଅନ୍ତୁ ନାହିଁ । ସେମାନଙ୍କୁ 'ଆପଣ' ଓ 'ତୁମେ' ପରି ଶବ୍ଦର ପ୍ରୟୋଗ କେଉଁଠି କରାଯାଏ ତାହା ଶିଖାନ୍ତୁ । ନଚେତ୍ ପିଲା ଅଜ୍ଞତା କାରଣରୁ ବ୍ୟବହାର ଶିଖିପାରିବ ନାହିଁ । ନିଜେ ବଦରାଗୀ ଓ ଚାରିତ୍ରିକ ସ୍ଖଳନଯୁକ୍ତ ହୋଇଥିଲେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥାଏ। ସେମାନେ ସେମାନଙ୍କ ସାଙ୍ଗମାନଙ୍କ ସାମ୍ନାରେ ବିଭିନ୍ନ ଶରବ୍ୟ ସାମ୍ନା କରିଥାନ୍ତି। ଯାହାପାଇଁ ଅସହଜ ଓ ଅପମାନିତ ମଧ୍ୟ ହୋଇଥାନ୍ତି।

* ପିଲାଙ୍କୁ ସେମାନଙ୍କ ଭଲ କାମ ପାଇଁ ପ୍ରଶଂସା କରନ୍ତୁ । ଏହା ତାଙ୍କର ଆତ୍ମବିଶ୍ୱାସ ବଢ଼ାଇଥାଏ । କଡ଼ା କଥା ପିଲାଙ୍କ ମନରେ କଷ୍ଟ ଦେଇଥାଏ ଓ ସେମାନଙ୍କ ମନରେ ବିଦ୍ରୋହ ଭାବନା ଆସିଥାଏ । ପିଲା କୌଣସି କାର୍ଯ୍ୟରେ ଆପଣଙ୍କୁ ସହଯୋଗ କରିଥିଲେ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରନ୍ତୁ ।

* ପିଲାଙ୍କ ନାମରେ ଏକ ସଞ୍ଚୟ ବ୍ୟବସ୍ଥା ପିଲାଟି ଦିନରୁ ହିଁ ଆରମ୍ଭ କରନ୍ତୁ। ଝିଅ ହୋଇଥିଲେ କନ୍ୟା ସମୃଦ୍ଧି ଯୋଜନା ନିଶ୍ଚୟ। ଅର୍ଥ ଅପଚୟ ନକରନ୍ତୁ ବରଂ ଜନକଲ୍ୟାଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଏହାର ପ୍ରଭାବ ପିଲାଟି ଭିତରେ ଏକ ଛୋଟ ବୀଜ ପରି ଶୈଶବ ସମୟରୁ ହିଁ ଆରମ୍ଭ ହୋଇଥାଏ। ବେଳେ ବେଳେ ସମୟ କାଢ଼ି ପିଲାମାନଙ୍କୁ ବିଜ୍ଞାନଭିତ୍ତିକ, ଶିକ୍ଷା ଓ ଆଧାତ୍ମିକ ସମ୍ପନ୍ନ ସ୍ଥାନ ଭ୍ରମଣ ପାଇଁ ନିଅନ୍ତୁ। ପିଲାର ପ୍ରତିଦିନର ପାଠପଢ଼ା ଏବଂ ଟ୍ୟୁସନ ଯାଉଥିଲେ ତା'ର ବିଷୟ ସମ୍ପର୍କରେ ନିଜେ ତା ସହିତ କଥା ହୁଅନ୍ତୁ। ସେ ଅନୁଭବ କରୁ ଯେ, ତା ପାଠପଢ଼ା ପାଇଁ ବାପା କେବଳ ରୋଜଗାର କରି ପଇସା ଦେଉନାହାନ୍ତି ବରଂ ବନ୍ଧୁ ଭାବେ ସହଯୋଗୀ ହୋଇ ତା ପାଠପଢ଼ା ପାଇଁ ଜଣେ ସହାୟକ ମଧ୍ୟ ହୋଇପାରିଛନ୍ତି।



* ପରିବାରର ବିଶେଷକରି ବାପା-ମାଆଙ୍କର ବା କୌଣସି ଗୁରୁତ୍ୱପୂର୍ଣ୍ଣ ବନ୍ଧୁବାନ୍ଧବଙ୍କର ଅକାଳ ମୃତ୍ୟୁ ଏବଂ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ପିଲାମାନଙ୍କର ମାନସିକତା ଉପରେ ବହୁତ ଭାବରେ ପ୍ରଭାବ ପକାଇଥାଏ। ଅନେକ ମେଧାବୀ ଅଥଚ ବଣମଲ୍ଲୀ ପରି ବଣରେ ତାଙ୍କ ପ୍ରତିଭା ଏକ ପ୍ରକାର ଅଲୋଡ଼ା, ଔଜଲ୍ୟହୀନ ହୋଇଯାଇଛି। ଅନେକ ଉଦାହରଣ ମଧ୍ୟ ରହିଛି ଦାରିଦ୍ର୍ୟର ସଂଘର୍ଷ ଭିତରେ ଅନେକ ପିଲା ରାଷ୍ଟ୍ରନାୟକ, ମହାମାନବର ପଦବୀ ପାଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କାଲାମଙ୍କର ଉଦାହରଣ ନିଆଯାଇପାରେ।

* ପିଲାଙ୍କର କୌଣସି ସାଙ୍ଗସାଥିଙ୍କର ବିଶେଷକରି ଦୁର୍ଘଟଣା ବା ଅର୍ଥାଭାବ ସମସ୍ୟା ଶୁଣିଲେ ନିଜ ସାଧମତେ କିଛି ସହଯୋଗ କରନ୍ତୁ ଏହା କେବଳ ପିଲାଟିର ବନ୍ଧୁ ସହିତ ସମ୍ପର୍କକୁ ଆହୁରି ଦୃଢ଼ିଭୂତ କରିନଥାଏ ବରଂ କିଛି ସହାୟତା ଭଗବାନଙ୍କ ଦ୍ୱାର ପାଇଁ କିଛି ପୁଷ୍ପାଞ୍ଜଳି ପରି ହୋଇପାରନ୍ତା।

ଏ ଦୁନିଆରେ ଜନକଲ୍ୟାଣରେ ନିଜର ସାମର୍ଥ୍ୟ ଓ ସହଯୋଗ ପିଲାଟି ଉପରେ ଅନେକ ପ୍ରଭାବ ପକାଇଥାଏ। ତାର ଜୀବନକୁ ଆହୁରି ସାଧୁପୂର୍ଣ୍ଣ, ଅର୍ଥପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ କରିପାରିବ।

* ପିଲା ଯେତେ ବଡ଼ ହେଲେ ମଧ୍ୟ ବାପମାଆଙ୍କ ସ୍ନେହ ଆବଶ୍ୟକ କରେ । ତେଣୁ ସେମାନଙ୍କୁ ଆପଣ ଖୁବ୍ ଭଲ ପାଆନ୍ତି ବୋଲି ଜାଣନ୍ତୁ । ସେମାନଙ୍କ ସହିତ କଥା ହେବା ସମୟରେ ଆପଣଙ୍କ ଧ୍ୟାନ ସେମାନଙ୍କ ଉପରେ ରହିବା ଉଚିତ । ବାପା-ମାଆଙ୍କ ଭିତରେ ମତାନ୍ତର ମନାନ୍ତର ଗଭୀର ଭାବେ ପିଲାର କଅଁଳ ମନ ଉପରେ ପଡ଼ିଥାଏ ତେଣୁ ଏ ଦିଗକୁ ଅତି ସାବଧାନତାର ସହିତ ନିର୍ବାହ କରିବା କଥା। ପିଲାଟି ଆପଣଙ୍କୁ ଏକ ନିର୍ମଳତମ ଈଶ୍ୱର ସମର୍ପିତ ଜୀବନରେ ଦେଖୁ। ଦେଖିବେ ତା ଜୀବନଟି ନୀତିପୂର୍ଣ୍ଣ, ସମାଜ ଉପଯୋଗୀ, ଆଦର୍ଶନୀୟ ଓ ପ୍ରଶାନ୍ତିମୟ ତଥା ମାନବୀୟ ମୂଲ୍ୟବୋଧପୂର୍ଣ୍ଣ ହୋଇପାରିବ।

**ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨**
**E-mail : s271169@gmail.com**

## ଜ୍ଞାନ ବିଜ୍ଞାନ



ସାଗରିକା ରାଉତ
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ



# ଘି କୁଆଁରୀ

ଘି କୁଆଁରୀ ଗୋଟିଏ ଉପାଦେୟ ଔଷଧୀୟ ଗଛ ସବୁଆଡେ ମିଳିଥାଏ । ବହୁ ଶତାବ୍ଦୀ ହେଲା ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏହାର ବ୍ୟବହାର ହେଉଛି। ଆୟୁର୍ବେଦରେ କୋଷ୍ଠ କାଠିନ୍ୟ, ପେଟ ବିଷା, ଚର୍ମ ରୋଗ, କୃମି ଅପସାରଣ ଓ ପ୍ରଦାହରେ ବ୍ୟବହାର ହୋଇ ଆସୁଅଛି। ଚୀନ ଦେଶରେ ଫଙ୍ଗସର ଚିକିତ୍ସା ପାଇଁ ଏହାକୁ ବ୍ୟବହାର କରିଥାନ୍ତି । ଉଚ୍ଚ ରକ୍ତଚାପ ପାଇଁ ତ୍ରିନିଦାଦ ଓ ଟୋବାକୋ ଦେଶରେ ଏହାକୁ ବ୍ୟବହାର କରାଯାଇଥାଏ। ମେକ୍ସିକୋରେ ଡାଇବେଟିସର ଔଷଧ ରୂପେ ଲୋକମାନେ ଏହାକୁ ଗ୍ରହଣ କରିଛନ୍ତି। କିନ୍ତୁ ଏହା ସବୁ ରୋଗର ମହୌଷଧି ନୁହଁ । ହଜାର ହଜାର ବର୍ଷରୁ ବହୁ ଦେଶରେ ଏହାର ଔଷଧୀୟ ଗୁଣକୁ ଗ୍ରହଣ କରାଯାଇଅଛି । ଭାରତର ସବୁଆଡେ ଏହି ଗଛ ରହିଅଛି । ପେଟର ଦୋଷରେ ଏହି ଗଛର ରସ ପିଇବାକୁ ଦିଆଯାଉଛି। ବିଭିନ୍ନ ଚର୍ମ ରୋଗରେ, ପୋଡାଘାଆରେ ଓ ଅନ୍ୟାନ୍ୟ ଘାଆ ଶୁଖିବାରେ ଏହା ଗୋଟିଏ ଅବ୍ୟର୍ଥ ଔଷଧ। ଏହା ପ୍ରମାଣିତ ହୋଇଛି। ଏହି ଗଛ ପ୍ରଥମେ ସୁଦାନରେ ଓ ଆରବର ଉପଦ୍ୱୀପ ଗୁଡିକରେ ଦେଖିବାକୁ ମିଳିଥିଲା। ପରେ ଏହା ଆଫ୍ରିକା ଜଙ୍ଗଲରେ, ପୂର୍ବ ଏସିଆ, ଦକ୍ଷିଣ ଭୂମଧ୍ୟ ସାଗର ଅଞ୍ଚଳରେ ବହୁଳ ଆକାରରେ ଦେଖାଗଲା। ଆମେରିକାର ଦକ୍ଷିଣରେ ଓ ମେକ୍ସିକୋରେ ଏହା ଚାଷ କରାଯାଉଅଛି । ଏହି ଗଛର ଦୁଇ ଶହ ଚାଳିଶଟି ସମଜାତୀୟ ଉଦ୍ଭିଦ ରହିଛି। ଏଥିରୁ କେବଳ ଚାରିଟି ପୁଷ୍ଟିକାରକ ଗୁଣ ରଖିଛି। ଏହାର ପତ୍ରରେ ପଚସ୍ତରି ପ୍ରକାର ପୁଷ୍ଟିକାରକ ପଦାର୍ଥ, କୋଡ଼ିଏ ପ୍ରକାର ଧାତବ ପଦାର୍ଥ, କୋଡ଼ିଏଟି ଆମିନୋ ଏସିଡ ଏବଂ ବାର ପ୍ରକାର ଭିଟାମିନ ରହିଥାଏ। ଘି କୁଆଁରୀ ରସ ଉପରେ ବୈଜ୍ଞାନିକ ଏଚ୍.ଆର୍. ମାକ ଡାନିଏଲ ଷୋହଳ ବର୍ଷ ଗବେଷଣା କରି ଅନେକ ତଥ୍ୟ ଉଦ୍ଘୋଟନ କରିଛନ୍ତି। ଘି କୁଆଁରୀରେ ଆଠ ପ୍ରକାରର ସୁଗାର ରହିଛି। ଯେଉଁଗୁଡିକ ଶରୀର ପାଇଁ ଉପକାରୀ। ଏହା ଚିନିରୁ ତିଆରି ହେଉଥିବା ଶର୍କରା ନୁହଁ। ଡାଇବେଟିସ ରୋଗୀମାନେ ସେଗୁଡିକୁ ଚାହା ବା କଫିରେ ମିଶାଇ ପିଇଲେ ବ୍ଲଡ ସୁଗାର ବଢେ ନାହିଁ। ଅଗ୍ନ୍ୟାଶୟ ରକ୍ତକୁ ଇନସୁଲିନ ପ୍ରେରଣ କରିବା ଆବଶ୍ୟକ ହୁଏ ନାହିଁ। ଘି କୁଆଁରୀ ପତ୍ରର ଅଠାଳିଆ ଜେଲି ଜୀବାଣୁ ନାଶ କରିବା ସହିତ ପ୍ରଦାହ ଉପସମ କରେ। ବିଭିନ୍ନ ଚର୍ମ ରୋଗ ପାଇଁ ମହୋଷଧ। ଚର୍ମ କୁଞ୍ଚାଇ ହେଲେ, ଫୁଲିଲେ ଓ ବିଷା ହେଲେ ଏହା ଲଗାଇଲେ ଉପକାର ମିଳେ। ଆମେରିକାର ଶିଶୁ ରୋଗ ବିଶେଷଜ୍ଞ ମାନଙ୍କର ପତ୍ରିକାରେ ଘି କୁଆଁରୀ ପତ୍ରର ରସ ଲଗାଇଲେ ଓ ଖାଇଲେ କ୍ଷତ ଶୀଘ୍ର ଶୁଖିଯାଏ ବୋଲି ପ୍ରକାଶିତ ହୋଇଅଛି। ଅନେକ ପ୍ରାମାଣିକ ତଥ୍ୟ ରହିଛି ଯଦି ମଣିଷର ଗାଲରେ ଶଲ୍ୟ ଚିକିତ୍ସା ହୋଇଛି, ଆଲୋଭେରା ଲଗାଇଲେ ତାହା ଶୀଘ୍ର ଶୁଖିଯାଏ। ଘି କୁଆଁରୀ ରସ ପିଇଲେ ଦେହ ଭିତରର କ୍ଷତ ଶୀଘ୍ର ଉପସମ ହୁଏ। ଝାଡା କଠିନ ହେଲେ ଓ ଆମ୍ଳିଆ ହାକୁଡି ଦେଲେ ଏହି ରସ ପିଇଲେ ସୁଫଳ ମିଳେ। ଅନ୍ତରରେ ବହୁଦିନ ପ୍ରଦାହ ଲାଗି ରହିଲେ ଓ ରସ ଅନେକ ପରିମାଣରେ ଆରୋଗ୍ୟ ହେବାରେ ସାହାଯ୍ୟ କରେ। ଦଶ ଜଣ ପେଟ ରୋଗୀଙ୍କୁ ନେଇ ଗୋଟିଏ ପରୀକ୍ଷା କରାଯାଇଥିଲା। ପ୍ରତ୍ୟେକଙ୍କୁ ଦିନକୁ ଦୁଇ କପ ଲେଖେ ଘି କୁଆଁରୀ ରସ ଦିନକୁ ତିନି ଥର କରି ସାତ ଦିନ ଖାଇବାକୁ ଦିଆଗଲା। ଗୋଟିଏ ସପ୍ତାହ ପରେ ସବୁ ରୋଗୀଙ୍କର ପତଳା ଝାଡା ଭଲ ହୋଇଗଲା। ଚାରି ଜଣଙ୍କର ନିୟମିତ ସ୍ୱାଭାବିକ ଝାଡା ହେଲା ଏବଂ ତିନି ଜଣଙ୍କର ଦୁର୍ବଳତା ଦୂର ହୋଇଗଲା। ଗବେଷକଙ୍କ ମତ ଅନୁଯାୟୀ ଆଲୋଭେରା କ୍ଷୁଦ୍ରାନ୍ତ ଏବଂ ବୃହଦନ୍ତ୍ରକୁ ସ୍ୱାଭାବିକ କରିଦିଏ। ଏହାର ସଙ୍କୋଚନ ଓ ସଂପ୍ରସାରଣ ପ୍ରକ୍ରିୟା ବଜାୟ ରଖେ। ମଳର ଘନତ୍ୱ ବୃଦ୍ଧି କରେ ଏବଂ ଏଥିରେ ଥିବା କ୍ଷତିକାରକ ଅଣୁଜୀବ ଓ ଫଙ୍ଗସ ସଂଖ୍ୟା କମାଇଦିଏ। ଫଳରେ ବୃହଦନ୍ତ୍ରରେ ବିଷାକ୍ତ ମିଥେନ ଗ୍ୟାସ କମ ରହେ ଓ କ୍ୟାନ୍ସର ହୁଏ ନାହିଁ। ପାକସ୍ଥଳୀରେ ଅମ୍ଳ କମିଯାଏ ଓ ଘା ହୁଏ ନାହିଁ। କୋଷ୍ଠ କାଠିନ୍ୟ ଦୂର କରେ। ଘିକୁଆଁରୀ ରସକୁ ଗରମ କରିବା ବା ଫୁଟାଇବା ବା ଫ୍ରିଜରେ ରଖି ଶୀତଳ କରିବା ଅନୁଚିତ। ଫଳରେ ଏହାର ଗୁଣମାନ ନଷ୍ଟ ହୋଇଯାଇଥାଏ। ବଜାରରେ ମଧ୍ୟ ଯେଉଁ ରସ ମିଳୁଛି ସେଗୁଡିକ ଅପମିଶ୍ରିତ। ସେଗୁଡିକରେ ଚିନି, ପାଣି ଏବଂ ସଂରକ୍ଷଣ କରୁଥିବା ପଦାର୍ଥ ମିଶାଯାଇ ରଖାଯାଇଛି। ଘି କୁଆଁରୀ ରସ ସଦ୍ୟ ଅଙ୍ଗୁର ରସ ପରି ଦେଖାଯାଏ ଏବଂ ବିଶୁଦ୍ଧ ଘି କୁଆଁରୀ ସେହି ରଙ୍ଗରେ ମିଳିଥାଏ।




# ସେ ଦିନର ଲାଲକିଲ୍ଲା... ଆଜିର ଶିଶୁ ଭବନ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

କଟକ ସହର ହଜାରେ ବର୍ଷର ପରମ୍ପରା ଓ ଗର୍ବକୁ ନେଇ ଗଢ଼ି ଉଠିଛି । ମହାନଦୀ ଓ କାଠଯୋଡ଼ିର ମଧ୍ୟବର୍ତ୍ତୀ ଏହି ସହରଟି ଅନେକ ଐତିହାସିକ, କିମ୍ବଦନ୍ତୀ କ୍ଷେତ୍ର ବଡ଼ ବଡ଼ ପ୍ରତିଷ୍ଠାନକୁ ଛାତିରେ ଧରିଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କଟକରେ ରହିଛି ଗୁରୁତ୍ୱପୂର୍ଣ୍ଣ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପାଖରେ କ୍ୟାନସର ପ୍ରତିଷ୍ଠାନ । କାଠଯୋଡ଼ି କୂଳରେ ହିଁ ଓଡ଼ିଶାର ପିଲାମାନଙ୍କ ଉତ୍ତମମାନର ଚିକିତ୍ସା ଓ ଶିକ୍ଷା ସେବା କ୍ଷେତ୍ରର ପ୍ରତିଷ୍ଠାନ 'ଶିଶୁଭବନ' । ସେହିପରି ସହରର ମଧ୍ୟବର୍ତ୍ତୀ ସ୍ଥଳୀରେ ରହିଛି ସିଟି ହସ୍ପିଟାଲ । କାଠଯୋଡ଼ି କୂଳ ରିଂ ରୋଡ଼କୁ ଛୁଇଁଥିବା ଏହି ଶିଶୁ ଭବନଟି ଚାନ୍ଦିନୀଚୌକ ଅଞ୍ଚଳରେ ଏବଂ ନିକଟରେ ରହିଛି ହାଇକୋର୍ଟ, ବିଭିନ୍ନ କୋର୍ଟ, ଜଗନ୍ନାଥ ମନ୍ଦିର ପରି ଅନେକ ବଡ଼ ବଡ଼ ଅନୁଷ୍ଠାନ ।

ଅନେକ ହୁଏତ ଜାଣିନଥିବେ ଜଗନ୍ନାଥଙ୍କ ଭକ୍ତ ସାଲବେଗଙ୍କ ପିତା ଲାଲବାଗ ଥିଲେ ଜଣେ ଦୁର୍ଦ୍ଦଶ ମୋଗଲ ସୁବେଦାର । ଆଜି ଯେଉଁଠି ଏକ ନୂଆ ରୂପରେ ଶିଶୁ ଭବନଟି ଗଢ଼ି ଉଠିଛି ଦିନେ ତାହା ଥିଲା ତତ୍କାଳୀନ ସୁବେଦାର ଲାଲବାଗଙ୍କ ଲାଲକିଲ୍ଲା । ଲାଲ ରଙ୍ଗରେ ରଙ୍ଗାୟିତ କୋଠୀଟି ଅନେକ ଦୃଷ୍ଟିରୁ ମୋଗଲ ଚାରୁକଳାକୁ ଅତି ନିଖୁଣ ଭାବରେ ବିମଣ୍ଡିତ କରିଥିଲା । ସେ ସମୟରେ ଏହା ଏକ ବିରାଟ ବଡ଼ ପରିସରକୁ ଛୁଇଁଥିଲା । ରାଜସ୍ୱ, କର ଆଦାୟର କଚେରୀ ଅତିଥି ମାନଙ୍କ ପାଇଁ ଅତିଥିଶାଳା, ଭୋଜନାଳୟ, ରନ୍ଧନଶାଳା, ଅଶ୍ୱଶାଳା ଓ କର୍ମଚାରୀଙ୍କ ପାଇଁ କୋଠରୀ । ସାମ୍ନାରେ କୁଳୁ କୁଳୁ ହୋଇ ବୋହି ଯାଇଛି କାଠଯୋଡ଼ି । ସେ ସମୟର ମୋଗଲ ସୁବେଦାର ଲାଲବାଗ ଥିଲେ ଅତ୍ୟନ୍ତ କ୍ରୁର ଓ ପ୍ରବଳ ପ୍ରତାପୀ । ତାଙ୍କ ଶାସନ ସମୟରେ ନାମିତ ହୋଇଆସୁଛି 'ଲାଲବାଗ' ନାମରେ । ଏବେ ସ୍ଥାନାନ୍ତର ହୋଇଥିଲେ ବି ପୂର୍ବରୁ ଲାଲବାଗ ଥାନା ଥିଲା । ନିକଟରେ ଚାନ୍ଦିନୀଚୌକ ବଡ଼ ଡାକଘର ଓ ସହରର ତହସିଲଦାରଙ୍କ କାର୍ଯ୍ୟାଳୟ । କଟକ ସହର ଓ ଲାଲବାଗଙ୍କ ଲାଲକିଲ୍ଲା ବିଷୟରେ ଇଷ୍ଟ ଇଣ୍ଡିଆ କମ୍ପାନୀର ସାର ଟମାସରୋଙ୍କର ଏକ ଲିପିବଦ୍ଧ ତଥ୍ୟରେ ଅନେକ ପ୍ରସଙ୍ଗ ସ୍ପଷ୍ଟ ତଥ୍ୟ ଭିତ୍ତିକ ଉଲ୍ଲେଖ କରିଛନ୍ତି । ସେ ସମୟର ଇଂରେଜ ସରକାରଙ୍କ ରାଜତ୍ୱ ସମୟରେ ଲାଲକିଲ୍ଲାକୁ ଅତ୍ୟନ୍ତ ମର୍ଯ୍ୟାଦା ସମ୍ପନ୍ନ କରାଯାଇଥିଲା । ଏଇଠି ଥିଲା ଜିଲ୍ଲା କଲେକ୍ଟର ଓ କମିଶନରଙ୍କ ସୁରମ୍ୟ ବଡ଼ ବଡ଼ କୋଠୀ । ତତ୍କାଳୀନ ଶାସନ ମୁଖ୍ୟ ଜନ ବିମ୍ସ, ରେଭେନ୍ସା ସାହେବମାନେ ଏକଦା ଏହି କୋଠୀରେ ସପରିବାର ରହୁଥିଲେ ।

ସ୍ୱାଧୀନତା ପାଇବା ପରେ ଏହି କୋଠୀକୁ 'ରାଜଭବନ' ନାମରେ ନାମିତ କରାଗଲା । ଏକଦା ରାଜ୍ୟପାଳ ଦାୟିତ୍ୱରେ ଥିବା ଯଶୋବନ୍ତ ନାରାୟଣ ସୁକଠଣକର ଓ ଚନ୍ଦୁଲାଲ ତ୍ରିବେଦୀଙ୍କ ପରି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱମାନେ ଅବସ୍ଥାନ କରୁଥିଲେ । ଯେତେବେଳେ ଗଡ଼ଜାତ ମିଶ୍ରଣ ସମ୍ପର୍କିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସେ ସମୟରେ ଏହାର ବଡ଼ ଭୂମିକା ନିର୍ବାହ କରୁଥିବା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହିଠାରେ ଆସି ସାମୟିକ ଭାବେ ରହୁଥିଲେ । ଐତିହାସିକ ତଥ୍ୟ ଯାହା ରହିଛି ଡକ୍ଟର ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଓଡ଼ିଶାର ଗଡ଼ଜାର ରାଜାମାନେ ଚୁକ୍ତି ସ୍ୱାକ୍ଷର କରିଥିଲେ । ୧୯୬୧ ମସିହାରେ ଏହି ରାଜଭବନ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲା ଏବଂ ସେ ସମୟର ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର ଏହି ଗୁରୁତ୍ୱପୂର୍ଣ୍ଣ କୋଠୀକୁ ଭାରତୀୟ ରେଡ଼କ୍ରସ ସଂସ୍ଥାକୁ ପରିଚାଳନା ନିମିତ୍ତ ପ୍ରଦାନ କରିଥିଲେ । ୧୯୬୬ ମସିହାରୁ ଓଡ଼ିଶା ସରକାରଙ୍କ ପରିଚାଳନା ତତ୍ତ୍ୱାବଧାନ ଓ ସହାୟତାରେ ଏଠାରେ ଶିଶୁ ମାନଙ୍କ ପାଇଁ ଏକ ଚିକିତ୍ସାଳୟ ନିର୍ମିତ ହେଲା ।

ସେ ସମୟର ଶିଶୁ ଭବନ ଅନେକ ପ୍ରତିକୂଳତାକୁ ସାମ୍ନାକରି ଅନେକ ମୁମୂର୍ଷୁଙ୍କୁ ନୂଆ ଜୀବନ ଦେବା ସହ ଅତି ଜଟିଳତମ ଅପରେସନ ଦ୍ୱାରା ଛୋଟ ଛୋଟ ପିଲାମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚା ଯାଇପାରିଛି । କେବଳ ଶିଶୁ ମାନଙ୍କ ଚିକିତ୍ସା ଏହି ଅନୁଷ୍ଠାନର ମୁଖ୍ୟ ଦାୟିତ୍ୱ ଥିବାରୁ ସେ ସମୟରେ ପ୍ରାଥମିକ ଭାବେ ଦାୟିତ୍ୱ ନେଇଥିଲେ ବିଶିଷ୍ଟ ଚିକିତ୍ସକ ଡାକ୍ତର କାଶୀନାଥ ମିଶ୍ର । ପରବର୍ତ୍ତୀ ସମୟରେ ଡାକ୍ତର ଶରତ ଚନ୍ଦ୍ର ମିଶ୍ର, ଡାକ୍ତର ଗୋପାଳ ଚରଣ ଦାସ, ଡାକ୍ତର ସଂଗ୍ରାମ କେଶରୀ ବେହେରା, ଡାକ୍ତର କ୍ଷୀରୋଦ ଚନ୍ଦ୍ର ପ୍ରହରାଜ, ଡାକ୍ତର କୁଶଧର ମହନ୍ତ ଏହି ଶିଶୁ ଅନୁଷ୍ଠାନକୁ ଅଧିକରୁ ଅଧିକ ଭାବେ ସକ୍ରିୟ ଏବଂ କର୍ମଚାରୀମାନେ ନିଷ୍ଠାପର ଓ କର୍ମତତ୍ପର ହୋଇ ଅନୁଷ୍ଠାନର ସମ୍ମାନ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ବିଶିଷ୍ଟ ଲେଖକ ଶଙ୍କରର୍ଷଣ ମଙ୍ଗରାଜଙ୍କ ତଥ୍ୟ ଅନୁଯାୟୀ ୧୯୮୧ ମସିହାରେ ଏହି ଅନୁଷ୍ଠାନ ସ୍ୱତନ୍ତ୍ର ମର୍ଯ୍ୟାଦା ପାଇଲା । ସର୍ବପ୍ରଥମେ ଏଠାରେ ସ୍ନାନତୋକତ୍ତର ଶ୍ରେଣୀର ଛାତ୍ର ମାନଙ୍କ ଶିକ୍ଷା ପାଇଁ ବ୍ୟବହାରିକ ଜ୍ଞାନଦାନ ବ୍ୟବସ୍ଥା ଓ ପ୍ରଫେସର ପଦବୀ ସୃଷ୍ଟି କରାଗଲା । ନବଜାତକ ଓ ଶିଶୁ ମାନଙ୍କର କେବଳ ଚିକିତ୍ସା ନୁହେଁ ଅପରେସନ ନିମିତ୍ତ ଭେଷଜ, ଶଲ୍ୟ, ଅସ୍ଥିଶଲ୍ୟ, ଗଳା-କର୍ଣ୍ଣ-ନାସା, ମନୋବୈଜ୍ଞାନିକ ଚିକିତ୍ସା ପଦ୍ଧତି, ନିଦାନ ବିଭାଗ, ରଞ୍ଜନ ରଶ୍ମୀ କେନ୍ଦ୍ର, ଜରୁରୀ ଚିକିତ୍ସା କେନ୍ଦ୍ର, ପରିବାର କଲ୍ୟାଣ ସହାୟକ କେନ୍ଦ୍ର ଚିକିତ୍ସାଳୟର ବଡ଼ ଆକର୍ଷଣ । ଗତ ୧୯୯୨ ମସିହାରେ ଶିଶୁ ଭବନ ପଚିଶ ବର୍ଷରେ ପହଞ୍ଚିଥିଲା । ରଜତ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ସେ ସମୟରେ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ, ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଶତ ବାର୍ଷିକ ଭାରତ ସାରା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏବଂ ଗଡ଼ଜାତ ମିଶ୍ରଣ ବେଳେ ଏଠାରେ ମଧ୍ୟ ବଲ୍ଲଭଭାଇ ପଟେଲ କିଛି ଦିନ ଅବସ୍ଥାନ କରୁଥିଲେ । ଏହି ଦୁଇ ସଂଯୋଗକୁ ଏକ ବିରଳ ଘଟଣା ଭାବେ ଚିନ୍ତାକରି ତାଙ୍କ ଭଳି ଦେଶପ୍ରେମୀଙ୍କ ସ୍ମୃତିକୁ ସବୁଦିନ ପାଇଁ ସମସ୍ତଙ୍କ ଭିତରେ ଜାଗରିତ କରିବା ନିମିତ୍ତ ତାଙ୍କରି ନାମରେ ଏହି ଶିଶୁଭବନକୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଚିକିତ୍ସାଳୟ କରାଯାଇଥିଲା । ଆଜି ଶିଶୁ ଭବନ ୩୪ ବର୍ଷରେ ପହଞ୍ଚିଛି । ଅନେକ କର୍ମଦକ୍ଷ, ନିଷ୍ଠାବାନ, ନିଜ ବୃତ୍ତିରେ ପ୍ରଚଣ୍ଡ ପ୍ରତିଭାସମ୍ପନ୍ନ ଡାକ୍ତର, ସେବାକ୍ଷେତ୍ରରେ ଅମୃତର ହସ୍ତ ଛିଞ୍ଚୁଥିବା ସେବିକାମାନେ, ସୁଇପର ହୁଅନ୍ତୁ ବା ଜଗୁଆଳୀ, ଡ୍ରେସର ହୁଅନ୍ତୁ ବା ଡ୍ରାଇଭର, ଫାର୍ମାସିଷ୍ଟ ହୁଅନ୍ତୁ ବା ଯେ କେହି କର୍ମଚାରୀ ସମସ୍ତେ ଅନୁଷ୍ଠାନର ଗର୍ବ ଓ ଗୌରବ ବଢ଼ାଇବା ପାଇଁ ଅହର୍ନିଶ ସେବା ପ୍ରଦାନ ନିମିତ୍ତ ପ୍ରସ୍ତୁତ ।

ଅନେକ ନବଜାତକଙ୍କ ସଙ୍କଟମୟ ପରିସ୍ଥିତିରେ ସେମାନଙ୍କ ଜୀବନ ରକ୍ଷା କରାଯାଇପାରିଛି । ଅନେକ ପରିବାର ଏଇଠି ଆନନ୍ଦର ଲୁହ ଗଡ଼ାଇ ଅନୁଷ୍ଠାନକୁ ଆହୁରି ସ୍ମରଣୀୟ କରିଛନ୍ତି । ଅନେକ ନବଜାତକଙ୍କ ଏଇଠି ଭୂମିଷ୍ଠ ହେବା ଅନୁଷ୍ଠାନର ଏକ ଆନନ୍ଦମୟ ଓ ସ୍ମରଣୀୟ ଘଟଣା । ଅନେକ ସମୟରେ ବିଶେଷକରି ଶିଶୁ ମୃତ୍ୟୁହାର କମାଇବା, ଶିଶୁରୋଗୀଙ୍କ ଉନ୍ନତ ଓ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଏହି ଅନୁଷ୍ଠାନ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ବିଭିନ୍ନ ଦରିଆପାରି ସଂଗଠନ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି । କରୋନା ସମୟରେ ମୁମୂର୍ଷୁଙ୍କ ଜୀବନ ବଞ୍ଚାଇବା ନିମିତ୍ତ ନିଜେ ଡାକ୍ତରମାନେ ନିଜ ଜୀବନକୁ ଏକ ପ୍ରକାର ପାଣି ଛଡ଼ାଇ ପିଲାମାନଙ୍କୁ ବଞ୍ଚାଇବା ନିମିତ୍ତ ଦିନ ଦିନ ଏଇଠି ହିଁ ସମୟ କାଟିଛନ୍ତି । ଶିଶୁ ରୋଗ କ୍ଷେତ୍ରରେ ସମସ୍ତଙ୍କର ଆଶା ଓ ଭରଷାର କେନ୍ଦ୍ର ହେଉଛି 'ଶିଶୁ ଭବନ' । ପୂର୍ବଭାରତରୁ ଓ ଆମ ପଡ଼ୋଶୀ ରାଜ୍ୟରୁ ଅନେକ ପୀଡ଼ିତ ଓ ରୋଗୀମାନେ ଅନେକ ଭରଷା ନେଇ ଆସିଥାନ୍ତି । ଏହି ଅନୁଷ୍ଠାନର ଆଶା ସମ୍ଭାବନାକୁ ଆହୁରି ଉଜ୍ଜ୍ୱଳତମ ହେଉ ଏହା ହିଁ ମୋର ଶୁଭେଚ୍ଛା ଏବଂ ଏହି ଅନୁଷ୍ଠାନକୁ ମୋର ଗଭୀର ସମ୍ମାନ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ,**
**ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ**
**କଲେଜ, ବାଲେଶ୍ୱର,**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# 'ହେପାଟାଇଟିସ୍ : ରୋଗ ଏବଂ ପ୍ରତିକାର'

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା' ("Hepatitis: Let's Break It Down")। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ। ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରା ନଯାଏ ତେବେ ଏହା ଲିଭର ସିରୋସିସ, ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ।




ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୁତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବରର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

**ହେପାଟାଇଟିସ୍ କଣ ? :** ଲିଭର ଫୁଲିଯିବା, ପେଟରେ ଯନ୍ତ୍ରଣା ଅନୁଭୂତ ହେବା ବା ଜଣ୍ଡିସ୍ ହେଲେ ତାହା ହେପାଟାଇଟିସ୍ ବୋଲି କୁହାଯାଏ। ଜୀବାଣୁ ଜନିତ ଏହା ଏକ ସଂକ୍ରମିତ ରୋଗ। ନିଶାଦ୍ରବ୍ୟ, ମଦ୍ୟପାନ ଓ ଅତ୍ୟଧିକ ଔଷଧ ସେବନର କୁପ୍ରଭାବରୁ ମଧ୍ୟ ହେପାଟାଇଟିସ୍ ହେବାର ଆଶଙ୍କା ଥାଏ। ହେପାଟାଇଟିସ୍ ବି, ଏବଂ ସି ଅଧିକ ମାରାତ୍ମକ ରୋଗ।

**ହେପାଟାଇଟିସ୍-ଏ :** କେତେକ ଖାଦ୍ୟ ପଦାର୍ଥ ଓ ପାଣିରୁ ହେପାଟାଇଟିସ୍-ଏ ଭୁତାଣୁ ବ୍ୟକ୍ତି ଶରୀରକୁ ପ୍ରବେଶ କରିଥାଏ। ଯାହାଫଳରେ ବ୍ୟକ୍ତି ଏହି ରୋଗରେ ପୀଡ଼ିତ ହୁଏ।

**ହେପାଟାଇଟିସ୍-ବି :** ରକ୍ତ, ଲାଳ କିମ୍ବା ଯୌନ ସଂକ୍ରମଣ ଦ୍ୱାରା ହେପାଟାଇଟିସ୍-ବି ଭୁତାଣୁ ଆସିଥାଏ। ଦୂଷିତ ଇଞ୍ଜେକ୍ସନ ବା ସଂକ୍ରମିତ ବ୍ୟକ୍ତି ସହ ଶାରୀରିକ ସଂପର୍କ ରଖିବା ଦ୍ୱାରା ଏହି ରୋଗ ହେବାର ଆଶଙ୍କା ଅଧିକ।

**ହେପାଟାଇଟିସ୍-ସି :** ସଂକ୍ରମିତ ରୋଗୀର ରକ୍ତ ବା ଯୌନ ସଂସ୍ରବ ଦ୍ୱାରା ସିଧାସଳଖ ଏହି ରୋଗ ବ୍ୟକ୍ତିକୁ ପ୍ରବେଶ କରିଥାଏ।

**ହେପାଟାଇଟିସ୍-ଡି :** ହେପାଟାଇଟିସ୍-ଡି ଭୁତାଣୁ ସାଧାରଣତଃ ହେପାଟାଇଟିସ୍ ବି ଭୁତାଣୁ ସହିତ ମିଶି ମାରାତ୍ମକ ଲିଭର ରୋଗ ସୃଷ୍ଟି କରେ।

**ହେପାଟାଇଟିସ୍-ଇ :** ଏହା ଏକ ଜଳବାହିତ ରୋଗ।



ତେବେ ଦୂଷିତ ପରିବେଶରେ ପାଣି ଓ ଖାଦ୍ୟ ଦ୍ୱାରା ଏହି ଭୁତାଣୁ ବ୍ୟାପିବାର ଆଶଙ୍କା ଯଥେଷ୍ଟ।

**ଲକ୍ଷଣ :** ଲିଭରରେ ଗଭୀର ଯନ୍ତ୍ରଣା ନହେବା ପର୍ଯ୍ୟନ୍ତ କୌଣସି ଲକ୍ଷଣ ଜଣାପଡ଼େ ନାହିଁ ଅର୍ଥାତ୍ ପ୍ରାରମ୍ଭିକ ଅବସ୍ଥାରେ ଜାଣିହୁଏନାହିଁ। ଥକା ଲାଗିବା, ଜ୍ୱର ହେବା, ହଳଦିଆ ପରିସ୍ରା, ପତଳା ଝାଡା, ପେଟରେ ଯନ୍ତ୍ରଣା ଅନୁଭବ କରିବା, ଭୋକ ନଲାଗିବା, ବାନ୍ତି ହେବା, ଅଚାନକ ଓଜନ କମିବା, ଜଣ୍ଡିସ୍ ହେବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଏ।

**ପ୍ରତିକାର :** ହେପାଟାଇଟିସ୍ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର, ପରିଚ୍ଛନ୍ନ ଖାଦ୍ୟପଦାର୍ଥ ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ବାହାର ପାଣି, ବରଫ ଠାରୁ ଦୂରେଇ ରହିବା, ସାମୁଦ୍ରିକ ଖାଦ୍ୟ ନଖାଇବା, ଗୋଟିଏ ଇଞ୍ଜେକ୍ସନକୁ ଜଣେ ବ୍ୟବହାର କରିବା ଉଚିତ। ରକ୍ତକୁ ନଛୁଇଁବା ଓ ହେପାଟାଇଟିସ୍ ବି ରୋକିବା ପାଇଁ ଟୀକା ନେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ହେପାଟାଇଟିସ୍ ଏ ପାଇଁ ମଧ୍ୟ ଟୀକା ମିଳିଲାଣି। ହେପାଟାଇଟିସକୁ ନେଇସେପରି ଭୟଭୀତ ହେବାର କାରଣ ନାହିଁ। ବର୍ତ୍ତମାନ ମୌସୁମୀ ବର୍ଷା ପ୍ରବାହ ରହୁଥିବାରୁ ସର୍ବନିମ୍ନ ଭାବେ ସୁଷମ ଖାଦ୍ୟ, ଫୁଟାପାଣି ଯଥା ସମ୍ଭବ ନିରାମିଷ ଖାଦ୍ୟ, ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସହ ସର୍ବନିମ୍ନ ଏକ ସ୍ୱାସ୍ଥ୍ୟଧର୍ମୀ ରୁଟିନବନ୍ଧା ଜୀବନଟି ନିଜେ ତିଆରି କଲେ ହେପାଟାଇଟିସ ରାକ୍ଷସର ପ୍ରକୋପକୁ ଭାଙ୍ଗି ପାରିବା ଓ ଚଳିତ ବର୍ଷର ବାର୍ତ୍ତାର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ସଫଳ କରିବାରେ ସମସ୍ତେ ସାମିଲ ହେବା।

**ଅବସରପ୍ରାପ୍ତ ପ୍ରଫେସର,**
**ଲିଭର ବିଶେଷଜ୍ଞ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**
E-mail :
drumeshchandra123patra@gmail.com

# ଶ୍ରୀଶ୍ରୀଠାକୁର ନିଗମାନନ୍ଦଙ୍କ ସମ୍ପର୍କରେ ...

**ଶୁଭ ଜନ୍ମତିଥି ଅବସରରେ**

କୃଷ୍ଣପ୍ରିୟା ସାହୁ, ପୁରୀ



ଭାରତୀୟ ଆର୍ଯ୍ୟ ସଭ୍ୟତାରେ ଗୁରୁକରଣର ଧାରା ସୃଷ୍ଟିର ପ୍ରାକ୍ କାଳରୁ ହିଁ ଚଳି ଆସୁଛି କ୍ଷ ସାଧକମାନେ ଆଧ୍ୟାତ୍ମିକ ରାଜ୍ୟର ବନ୍ଧୁର ପଥଗୁଡିକ ଅତିକ୍ରମ କରିବାରେ ଗୁରୁ ହେଉଛନ୍ତି ଏକମାତ୍ର ସହାୟ କ୍ଷ ପୁଣି ଯେକୌଣସି ଗୁରୁ ଏ କାର୍ଯ୍ୟ କରିବାକୁ ସମର୍ଥ ନୁହଁନ୍ତି କ୍ଷ କେବଳ ବ୍ରହ୍ମବିଦ୍ ଗୁରୁ, ଯିଏ ନିର୍ବିକଳ୍ପ ସମାଧି ବ୍ୟୁଥିତ- ସଦଗୁରୁ ହିଁ ଶିଷ୍ୟ-ଭକ୍ତମାନଙ୍କର ଉକ୍ତ ଆଧ୍ୟାତ୍ମିକ ଦାୟିତ୍ୱ ବହନ କରିଥାନ୍ତି କ୍ଷ ସେହିଭଳି ଚର୍ତୁବିଧ ସାଧନସିଦ୍ଧ ଜଣେ ସଦଗୁରୁ ହେଉଛନ୍ତି ଶ୍ରୀଶ୍ରୀ ଠାକୁର ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ କ୍ଷ ଯିଏ ୧୮୮୦ ମସିହା ପବିତ୍ର ଝୁଲଣ ପୂର୍ଣ୍ଣିମା ତିଥିରେ ରାତ୍ର ଦୁଇ ଘଣ୍ଟା ସମୟରେ, ପିତା ଭୁବନମୋହନ ଭଟ୍ଟାଚାର୍ଯ୍ୟ ଓ ମାତା ମାଣିକ୍ୟସୁନ୍ଦରୀ ଙ୍କ କୋଳ ମଣ୍ଡନ କରିଥିଲେ କ୍ଷ ଆଜି ତାଙ୍କର ୧୪୬ତମ ଜନ୍ମବାର୍ଷିକୀ କ୍ଷ ଚାରି ପ୍ରକାର ଗୁରୁଙ୍କ ମଧ୍ୟରେ ସଦଗୁରୁ, ଅର୍ଥାତ ଦୀକ୍ଷାଗୁରୁ ଶ୍ରେଷ୍ଠ କ୍ଷ ଯେଉଁମାନେ ନିଜେ ଅନ୍ଧାରରେ ଭ୍ରମୁଛନ୍ତି, ସେମାନେ ଅନ୍ୟକୁ ଆଲୋକ ଦେଖାଇବେ କିପରି ? ଯେଉଁମାନେ ଅଖଣ୍ଡମଣ୍ଡଳାକାର ଭଗବାନଙ୍କୁ ଦର୍ଶନକରି ଭଗବତ ତତ୍ତ୍ୱରେ ପ୍ରତିଷ୍ଠିତ, ସେଇମାନେ ଦୀକ୍ଷାଦ୍ୱାରା ଗୁରୁଶକ୍ତିର ସ୍ଫୁରଣ ଶିଷ୍ୟ ଭିତରେ କରାଇ ତାଙ୍କୁ ଆଲୋକ ଧାମକୁ ନେଇ ପାରନ୍ତି କ୍ଷ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ବାଲ୍ୟ ନାମ ଥିଲା ନଳିନୀକାନ୍ତ କ୍ଷ ବାଲ୍ୟାବସ୍ଥାରେ ମାତୃ ବିୟୋଗ, ଅଳ୍ପଦିନ ସଂସାର କରିବା ପରେ ପରମାସୁନ୍ଦରୀ ଗୁଣବତୀ ପତ୍ନୀ ସୁଧାଂଶୁବାଳାଙ୍କ ବିୟୋଗ, ତାଙ୍କ ମନରେ ଦାରୁଣ ଆଘାତ ଦେଇଥିଲେ ମଧ୍ୟ, ବିଦେହୀ ପତ୍ନୀଙ୍କ ଏକାଧିକବାର ଛାୟାମୂର୍ତ୍ତି ଦର୍ଶନ ପରେ, ପରକାଳ ଅବିଶ୍ୱାସୀ ଏହାଙ୍କୁ ପରଲୋକ ବିଶ୍ୱାସୀ କରିବାକୁ ବାଧ କରିଥିଲା କ୍ଷ ପରଲୋକଗତା ପତ୍ନୀଙ୍କୁ ପାଇବାପାଇଁ ଯେଉଁ ବ୍ୟାକୁଳତା ଜନ୍ମିଲା, ତାହା ତାଙ୍କୁ ସାଧନା ଜୀବନରେ ବହୁତ ଉଚ୍ଚସ୍ତରକୁ ନେଇଯାଇଥିଲା କ୍ଷ ସ୍ୱପ୍ନରେ ଜଣେ ସିଦ୍ଧ ମହାପୁରୁଷଙ୍କ ଦ୍ୱାରା ପ୍ରାପ୍ତ ମନ୍ତ୍ର ସାଧନ ପାଇଁ, ପ୍ରଥମେ ତାରାପୀଠର ମହାତାନ୍ତ୍ରିକ ବାମାକ୍ଷେପାଙ୍କୁ ଗୁରୁଭାବରେ ବରଣକରି ମା ତାରାଦେବୀଙ୍କ ଦର୍ଶନ, ପରେ ଶଙ୍କରପନ୍ଥୀ ସଦଗୁରୁ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ଦ୍ୱାରା ବୈଦିକ ସନ୍ୟାସ ଦୀକ୍ଷା ଲାଭକରି ସ୍ୱାମୀ ନିଗମାନନ୍ଦ ନାମରେ ନାମିତ ହେଲେ କ୍ଷ ତାଙ୍କ ଆଦେଶରେ ଯୋଗପଥରେ ସୁମେରୁଦାସ ମହାରାଜ ଙ୍କ ଦ୍ୱାରା ଯୋଗରେ ସିଦ୍ଧିଲାଭ କଲାପରେ ସବିକଳ୍ପ ଏବଂ ପରେ ନିର୍ବିକଳ୍ପ ସାଧନ ସିଦ୍ଧ ହୋଇ ପରେ ପ୍ରେମ-ଭକ୍ତି ସିଦ୍ଧା ଗୌରୀ ମାଙ୍କ ଦ୍ୱାରା ପ୍ରେମ ସାଧନାରେ ସିଦ୍ଧ ହୋଇ ପର ଓ ଅବର ବ୍ରହ୍ମ ବିଷୟରେ ପୂର୍ଣ୍ଣ ଅବଗତ ହୋଇଥିଲେ। କୁମ୍ଭମେଳାରେ ଜଗଦଗୁରୁ ନୃସିଂହ ଭାରତୀ ଶଙ୍କରାଚାର୍ଯ୍ୟଙ୍କ ଆଦେଶ କ୍ରମେ ସଚ୍ଚିଦାନନ୍ଦଙ୍କ ଦ୍ୱାରା ପରମହଂସ ଉପାଧି ଲାଭକରିଥିଲେ କ୍ଷ ସେ ନିର୍ବିକଳ୍ପ ସାଧନରେ ସିଦ୍ଧିଲାଭ କରି ତାଙ୍କ ଗୁରୁଙ୍କ ଗୁରୁଭାର ନେଇ ଜଗତମଙ୍ଗଳରେ ଓ ଜୀବଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେଲେ କ୍ଷ ସମାଜର ଦୁର୍ଗତି ସଂଦର୍ଶନ କରି, ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ .. ବ୍ରହ୍ମଚର୍ଯ୍ୟ ସାଧନ, ଯୋଗୀଗୁରୁ, ଜ୍ଞାନୀଗୁରୁ, ତାନ୍ତ୍ରିକଗୁରୁ, ପ୍ରେମିକଗୁରୁ ପ୍ରଭୁତି ଅମୂଲ୍ୟ ଗ୍ରନ୍ଥ ରଚନାକରି ଏବଂ ମାସିକ ପତ୍ରିକା ଆର୍ଯ୍ୟ ଦର୍ପଣ ପ୍ରକାଶିତ କରି ଆଶ୍ରିତ ଶିଷ୍ୟ-ଭକ୍ତଙ୍କୁ ସହଜ ସାଧନପନ୍ଥାରେ ସିଦ୍ଧିଲାଭ କରାଇ ମୁକ୍ତିପଥ ଦର୍ଶାଇଲେ କ୍ଷ ତାଙ୍କର ଆଦର୍ଶ ଥିଲା ମୁଖ୍ୟତଃ ତିନୋଟି କ୍ଷ ଯଥା . ସନାତନ ଧର୍ମର ପ୍ରଚାର, ସତଶିକ୍ଷା ବିସ୍ତାର, ଶିବ ଜ୍ଞାନରେ ଜୀବ ସେବା।

ସେ ଜ୍ଞାନୀଗୁରୁ ଗ୍ରନ୍ଥର ମୁଖବନ୍ଧରେ ଲେଖିଛନ୍ତି.. 'ମୁଁ ଆଧ୍ୟାତ୍ମିକ ଜଗତର ସଂସାରୀ କ୍ଷ ସାଧନା ମୋର ପତ୍ନୀ କ୍ଷ ତାଙ୍କ ଗର୍ଭରୁ 'ଜ୍ଞାନ 'ନାମକ ପୁତ୍ର ଓ 'ଭକ୍ତି 'ନାମ୍ନୀ କନ୍ୟା ଲାଭକରି, କନ୍ୟାଟିକୁ ଆଜୀବନ ବୁକୁରେ ଧରିରଖିଛି 'ଓ ସେ ତନ୍ତ୍ର, ଜ୍ଞାନ, ଯୋଗ, ପ୍ରେମ -ଏଇ ଚତୁର୍ବିଧ ସାଧନାରେ ଚରମ ସିଦ୍ଧିଲାଭ କରିଥିଲେ ହେଁ, ଜ୍ଞାନ ବିନା ଭକ୍ତି ଓ ଭକ୍ତି ବିନା ଜ୍ଞାନ.. ପୂର୍ଣ୍ଣ ନୁହେଁ କହିଛନ୍ତି କ୍ଷ ଲୌକିକ ଜଗତରେ ସଂସାର ଜୀବନରେ ପ୍ରେମମୟୀ ସହଧର୍ମିଣୀ ସୁଧାଂଶୁବାଳାଙ୍କ ପ୍ରେମ ମଧ୍ୟରେ ପାଇଥିଲେ ପ୍ରେରଣା କ୍ଷ ଯାହା ତାଙ୍କୁ ତ୍ରିଗୁଣାତୀତ ସାଧନସ୍ତରକୁ ନେବାର ଇଛା ଉପଲବ୍ଧି କରାଇ ଥିଲା କ୍ଷ ତେଣୁ ମାତୃଜାତିର ପ୍ରକୃତ ଉନ୍ନତି ପାଇଁ ସେ ଜନନୀତ୍ୱର ବିକାଶ ଦିଗରେ ଅନନ୍ୟ ଉପଦେଶ ଓ ମାର୍ଗ ଦର୍ଶାଇଛନ୍ତି।

ପ୍ରେମସିଦ୍ଧକ୍ଷ ଯୋଗିନୀ ମା ଗୌରୀଦେବୀଙ୍କ ଠାରୁ ଭାବତତ୍ତ୍ୱ ଶିକ୍ଷାକରି ପ୍ରେମଭକ୍ତିରେ ସିଦ୍ଧିଲାଭକରି, ହେଲେ ପ୍ରେମିକଗୁରୁ।

ଅପ୍ରାକୃତ ଓ ପ୍ରାକୃତ ପ୍ରେମର ସ୍ୱରୂପ ତଥା ପାର୍ଥକ୍ୟ ଭାବ ବ୍ୟକ୍ତକରି ନିଗମାନନ୍ଦ ହେଲେ ଆଧିକାରିକ ପୁରୁଷ କ୍ଷ ତାଙ୍କ ମତରେ ମୁକ୍ତିର ଉପାୟ ଜ୍ଞାନ, ଏବଂ ଜ୍ଞାନର ଉପାୟ ଭକ୍ତି କ୍ଷ ସୁତରାଂ ଭକ୍ତି ହିଁ ମୁକ୍ତିର କାରଣ କ୍ଷ ଯେତେବେଳେ ମନୁଷ୍ୟର ସମସ୍ତ ବୃତ୍ତି ଈଶ୍ୱରାଭିମୁଖୀ ହୁଏ, ସେଇ ଅବସ୍ଥାକୁ ଭକ୍ତି କୁହାଯାଏ କ୍ଷ ସେତେବେଳେ ସେ ଆଉକିଛି ଉପଲବ୍ଧି କରିପାରେନାହିଁ କ୍ଷ ଭଗବାନଙ୍କ ଆନନ୍ଦରେ ହିଁ ତା'ର ଆନନ୍ଦ କ୍ଷ ସେହି ଭାବରେ ବିଭୋର ହେବାସହିତ ସବୁ କାମନାରହିତ , ସମୁଦାୟ ଜ୍ଞାନ ସହିତ ଈଶ୍ୱରଙ୍କ ଠାରେ ପୂର୍ଣ୍ଣ ଅନୁରକ୍ତିର ନାମ ଭକ୍ତି।

ଏଇ ପ୍ରେମ-ଭକ୍ତି ଲାଭ କରିବାକୁହେଲେ ସାଧୁ-ଭକ୍ତମାନଙ୍କ ସଙ୍ଗଲାଭ, ନାମ କୀର୍ତ୍ତନ, ହରି ଗୁଣଗାନ ଏବଂ ସିଦ୍ଧଗୁରୁଙ୍କ ଚରଣ ଆଶ୍ରୟ ପୂର୍ବକ, ଅପରାଧ ବର୍ଜିତ ହୋଇ ଭକ୍ତ ଭଗବାନଙ୍କ ସେବାକରିବା ତଥା ଭକ୍ତି ଅଙ୍ଗର ଅନୁଶୀଳନ ଦ୍ୱାରା ଶ୍ରଦ୍ଧା, ନିଷ୍ଠା, ନାମେରୁଚି ହୋଇଥାଏ କ୍ଷ ବିଷୟଅନୁରକ୍ତି ପରିବର୍ତ୍ତେ ଭଗବତ ଅନୁରକ୍ତି ବଳରେ ପ୍ରେମ ଲାଭକରି ଭଗବାନଙ୍କୁ ହୃଦୟଆସନରେ ନିତ୍ୟ ବସାଇ ତାଙ୍କ ସହ ନିତ୍ୟ ଲୀଳାନନ୍ଦ ଉପଭୋଗ କରିବାକୁ ସମର୍ଥ ହୁଏ କ୍ଷ ଜୀବର ଭଗବାନଙ୍କ ସହ ସମ୍ବନ୍ଧ ନିତ୍ୟ କ୍ଷ ସେ ହିଁ ପରମ ପିତା, ମାତା, ପୁତ୍ର, ସ୍ୱାମୀ, ବନ୍ଧୁ କ୍ଷ ସେ ହିଁ ଜୀବର ପ୍ରକୃତ ନିଜର କ୍ଷ ସେ ହିଁ ଭକ୍ତ ହୃଦୟରେ ସଦା ବିରାଜିତ କ୍ଷ ଭକ୍ତିରେ ପ୍ରେମଭରା ବ୍ୟାକୁଳ ଚିତ୍ତରେ ପ୍ରାଣଭରି ଡାକିଲେ, ସେ ଦର୍ଶନ ଦେଇଥାନ୍ତି କ୍ଷ ମାତ୍ର ଅଶୁଦ୍ଧ ଚିତ୍ତରେ ସେ ବସନ୍ତି ନାହିଁ କ୍ଷ ଶାସ୍ତ୍ରରେ ଅଛି... ' ଅନନ୍ୟ ମମତା ବିଷ୍ଣୋ ମମତା ସଙ୍ଗତା '। ଅର୍ଥାତ ଅନ୍ୟ ପ୍ରାକୃତ ବସ୍ତୁରେ ମମତ୍ୱ ଜ୍ଞାନ ନଥାଇ, କେବଳ ଭଗବାନଙ୍କୁ ମୋର ବୋଲି ଦୃଢ଼ ବିଶ୍ୱାସ ଜାତହେଲେ ବଗବତ ପ୍ରେମ ଲାଭହୋଇଥାଏ କ୍ଷ ଗୁରୁଜ୍ଞାନ ତତ୍ତ୍ୱଜ୍ଞାନ ବିନା ଜୀବନରେ ପ୍ରକୃତ ସତ୍ୟ ଉପଲବ୍ଧି ହୁଏନାହିଁ କ୍ଷ ପ୍ରତି ଜୀବ ଭିତରେ ଯେଉଁ ଆତ୍ମା ଅଛନ୍ତି, ସେ ପରମାତ୍ମାଙ୍କ ଦର୍ଶନ ଓ ଭାବ ଲାଭ କରିବାରେ ମନୁଷ୍ୟ ଶରୀର ଏକମାତ୍ର ମାଧ୍ୟମ କ୍ଷ ଶ୍ରୀଗୁରୁ ସନ୍ତୁଷ୍ଟ ହେଲେ ଶିଷ୍ୟଙ୍କୁ ସେହି ତତ୍ତ୍ୱରେ ପ୍ରତିଷ୍ଠିତ କରାଇ ପାରନ୍ତି କ୍ଷ ଜ୍ଞାନ ବିନା ଧର୍ମତତ୍ତ୍ୱ ଧାରଣ ସମ୍ଭବ ନୁହେଁ।

ଶ୍ରୀଶ୍ରୀ ଠାକୁର ଆଶ୍ରିତମାନଙ୍କୁ ଯେଉଁ ମୌଳିକ ଉପଦେଶ ଦେଇଥିଲେ, ତାହା ହେଲା ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘ ଶକ୍ତିର ପ୍ରତିଷ୍ଠା, ଭାବ ବିନିମୟ କ୍ଷ ଏହି ଆଦର୍ଶ ପାଳନରେ ବିଶ୍ୱ ଭାତୃଭାବ ପ୍ରତିଷ୍ଠା, ସନାତନ ଧର୍ମ ରକ୍ଷା, ନାରାୟଣ ଜ୍ଞାନରେ ଜୀବ ସେବା କରାଇ ଜଗତରେ ପ୍ରକୃତ ଶାନ୍ତି ପ୍ରତିଷ୍ଠା କରାଯାଇ ପାରିବ କ୍ଷ କାହାରି ଧର୍ମର ନିନ୍ଦା ନ କରି ସ୍ୱଧର୍ମ ଆଚରଣରେ ଜଗତର ଅଶେଷ କଲ୍ୟାଣ ସାଧନ ସମ୍ଭବ ହେବ।

ଏହି ସପ୍ତାହ, ସେହି ବର୍ଷ (ଅଗଷ୍ଟ ୩୦-ସେପ୍ଟେମ୍ବର ୫)

## ଏଇ ସପ୍ତାହ

ଅଗଷ୍ଟ ୩୦, ୨୦୦୩- ମୁଲାୟମ ସିଂହ ଯାଦବ ତୃତୀୟ ଥର ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଥିଲେ।




ଅଗଷ୍ଟ ୩୧, ୧୯୧୯- ଆମେରିକାନ୍ କମ୍ୟୁନିଷ୍ଟ ପାର୍ଟିର ଗଠନ ହୋଇଥିଲା।




ସେପ୍ଟେମ୍ବର ୧, ୧୯୫୬- ଭାରତୀୟ ଜୀବନ ବୀମା ନିଗମର ସ୍ଥାପନା ହୋଇଥିଲା।




ସେପ୍ଟେମ୍ବର ୨, ୧୯୭୦- କନ୍ୟାକୁମାରୀରେ ବିବେକାନନ୍ଦ ସ୍ମାରକ ଉଦ୍‌ଘାଟନ ହୋଇଥିଲା।



ସେପ୍ଟେମ୍ବର ୩, ୧୯୨୪-ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା।



ସେପ୍ଟେମ୍ବର ୪, ୨୦୦୦- ସିଡ୍‌ନୀରେ ୨୭ତମ ଅଲିମ୍ପିକ ଖେଳର ଶୁଭାରମ୍ଭ ହୋଇଥିଲା।




ସେପ୍ଟେମ୍ବର ୫, ୧୮୮୮-ଦେଶର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ।



# ନଦୀରେ ମୁଦ୍ରା ପକାନ୍ତି କାହିଁକି ?




ଟ୍ରେନରେ ହେଉ ବା ବସରେ ଯିବା ଆସିବା ସମୟରେ ଆମ ଭିତରୁ ଅନେକ କୌଣସି ପବିତ୍ର ନଦୀ ଉପରେ ଯାତ୍ରା କଲାବେଳେ କିଛି ବ୍ୟକ୍ତି ମୁଦ୍ରା ନଦୀ ଗର୍ଭକୁ ପକାଇଥାନ୍ତି । କେହି କେହି ଏହାକୁ ଆଧ୍ୟାତ୍ମିକ କ୍ଷେତ୍ରରେ ଦାନ ଭାବରେ ଗ୍ରହଣ କରିଥାନ୍ତି, କେହି କେହି ଏହାକୁ ଅନ୍ଧବିଶ୍ୱାସ ଭାବରେ ବିଚାର କରନ୍ତି । କୁମ୍ଭ ମେଳା ବା ଯେକୌଣସି ଛୋଟବଡ଼ ମେଳା ଅନୁଷ୍ଠିତ ହେଉଥିବା ସ୍ଥଳୀ ବା ନିକଟବର୍ତ୍ତୀ ଦେବାଳୟର ଜଳାଶୟକୁ ମଧ୍ୟ କିଛି ବ୍ୟକ୍ତି ସେହିପରି ମୁଦ୍ରା ପକାଇଥାନ୍ତି । ଆଭିଜାତ୍ୟ ପରିବାରରେ ସ୍ୱର୍ଣ୍ଣମୁଦ୍ରା ବା ରୌପ୍ୟମୁଦ୍ରା ମଧ୍ୟ ଅର୍ପଣ କରିଥାନ୍ତି । ଆମ ହିନ୍ଦୁ ଆଧ୍ୟାତ୍ମିକ ଶାସ୍ତ୍ର ଓ ସନାତନ ସଂସ୍କୃତିର ପରମ୍ପରାକୁ ଦେଖିଲେ ପ୍ରତ୍ୟେକ ଧର୍ମରେ ଦାନକୁ ଏକ ପୁଣ୍ୟ କାର୍ଯ୍ୟ ଭାବେ ଗ୍ରହଣ କରାଯାଇଛି । ଏହାଦ୍ୱାରା ଈଶ୍ୱର କୃପା ଲାଭ ହୋଇଥାଏ । ଏଣୁ ଏହାକୁ ନେଇ ଅନେକ ପରମ୍ପରା ରହିଛି । ଆମ ଦେଶରେ ଏହିପରି ଅନେକ ପରମ୍ପରା ରହିଛି । ସେଥିମଧ୍ୟରୁ ଗୋଟିଏ ହେଉଛି ନଦୀରେ ମୁଦ୍ରା ପକାଇବାର ପରମ୍ପରା । ଏହାକୁ ଏକ ପ୍ରକାର ଦାନ ଭାବେ ମଧ୍ୟ ଗ୍ରହଣ କରାଯାଇଛି । ବହୁ ପବିତ୍ର ନଦୀରେ ଗରିବ ପିଲାମାନେ ମୁଦ୍ରା ସଂଗ୍ରହ କାର୍ଯ୍ୟ ମଧ୍ୟ କରିଥାଆନ୍ତି । ଗତ ପ୍ରୟାଗରାଜର ମହାକୁମ୍ଭ ମେଳାରେ ଅନେକ ଗରିବ ଶ୍ରେଣୀର ସ୍ଥାନୀୟ ପିଲା ତ୍ରିବେଣୀ ସଙ୍ଗମରୁ ପଡ଼ିଥିବା ମୁଦ୍ରା ସଂଗ୍ରହ କରି ଲକ୍ଷାଧିକ ଟଙ୍କା ଉପାର୍ଜନ କରିଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ତେଣୁ କହିବାକୁଗଲେ ନଦୀରେ ମୁଦ୍ରା ପକାଇବା ଭାବନାକୁ ଏକ ପ୍ରକାର ଦାନ ବା ଅର୍ଘ୍ୟ ଭାବେ ବିଚାର କରାଯାଇପାରେ । ଦେଖିବାକୁ ଗଲେ ଏହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି । ପ୍ରାଚୀନ କାଳରେ ତମ୍ବା ଓ ରୁପା ମୁଦ୍ରା ବ୍ୟବହାର କରାଯାଉଥିଲା । ଏହି ମୁଦ୍ରା ଜଳରେ ପକାଇଲେ ନଦୀର ଜଳ ଶୁଦ୍ଧ ହୋଇଥାଏ । ମୁଦ୍ରା ଏପରି ଏକ ସାମଗ୍ରୀ ଏହା ଜଳାଶୟରେ ପଡ଼ିଲେ ଜଳାଶୟକୁ ଅପରିଷ୍କାର କରି ନଥାଏ । କେହି କେହି ପ୍ରାଚୀନ ସମୟର ଦୁର୍ଲଭ ମୁଦ୍ରା ପ୍ରାପ୍ତ ହୋଇ ସେମାନଙ୍କ ଭାଗ୍ୟ ପରିବର୍ତ୍ତନ ହେବାର ଅନେକ ଘଟଣା ମଧ୍ୟ ଆମେ ଶୁଣିଛୁ ଓ ଦେଖିଛୁ । ସେହିପରି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନଦୀରେ ରୂପା ମୁଦ୍ରା ପକାଇବା ଦ୍ୱାରା ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି । ତେବେ ସବୁର ମୂଳରେ ରହିଛି ଆପଣଙ୍କର ଦୃଢ଼ ବିଶ୍ୱାସ ଓ ନିଜ ଗୁରୁ ବା ଇଷ୍ଟଙ୍କ ଉପରେ ଆତ୍ମସମର୍ପଣ ଭାବ । ନଦୀରେ ମୁଦ୍ରା ପକାଇବା ଯେଉଁପରି ଏକ ଦାତବ୍ୟ ଧାର୍ମିକ କାର୍ଯ୍ୟ ସତ୍ ହୃଦୟରେ ପ୍ରତିଦିନ କିଛି ଦାନ ଧର୍ମ କରିବା ମଧ୍ୟ ଏକ ଶ୍ରେଷ୍ଠ ପୁଣ୍ୟ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

# ସର୍କଲ ରେଟ୍ କଣ ?

ଯୁଧିଷ୍ଠିର ମହାରଣା

**ଆମ ମାନଙ୍କ ଭିତରୁ ଅଧିକାଂଶ କିଣା ବିକା ସମୟରେ ସର୍କଲ ରେଟ୍‌ଟିକୁ ଏକପ୍ରକାର ନଜର ଅନ୍ଦାଜ କରିଥାନ୍ତି ତେବେ ଏହା ଉପରେ ଆପଣଙ୍କର ସମ୍ପତ୍ତି, ଘରବାଡିର ଟିକସ, ଏହା ସହ ପଞ୍ଜୀକରଣ ଖର୍ଚ୍ଚ, ଏହା ସହିତ କେତେକ କ୍ଷେତ୍ରରେ ଗୃହରୁ ଋଣର ପରିମାଣ ଏହା ଉପରେ ନିର୍ଭରଶୀଳ । ଯଦିଓ ଆପଣ କମ ଦାମରେ ଡିଲ୍ କରନ୍ତି ସରକାର କିନ୍ତୁ ସର୍କଲ ରେଟ୍ ହିସାବରେ ମୂଲ୍ୟ ନିଅନ୍ତି । ତେଣୁ ବାସ୍ତବରେ ଅର୍ଥନୀତି ବିଷାରଦ ତଥା ଟ୍ୟାକ୍ସ ଉପରେ ଅଧ୍ୟୟନ କରୁଥିବା ଗବେଷକମାନଙ୍କ ମତ ସର୍କଲ ରେଟ୍ ନ ବୁଝି ସମ୍ପତ୍ତି କିଣିବା ଅନେକଙ୍କ କ୍ଷେତ୍ରରେ ଭଲଟା ଭେଲ ହୋଇଯାଏ ।**




ଆସନ୍ତୁ ସର୍ବପ୍ରଥମେ ଜାଣିବା ସର୍କଲ ରେଟ୍ କ'ଣ ? ଏହା ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ଅଞ୍ଚଳରେ ସମ୍ପତ୍ତି ବାଡ଼ି କ୍ରୟବିକ୍ରୟ ପଞ୍ଜୀକରଣ ପାଇଁ ଧାର୍ଯ୍ୟକୃତ ସର୍ବନିମ୍ନ ମୂଲ୍ୟରାଶି । ଅନ୍ୟ ଭାବରେ ଏହାକୁ 'ରେଡିରେକନର ରେଟ୍ ବି' କୁହନ୍ତି । ଏହାକୁ ନେଇ ସମ୍ପତ୍ତିର ପଞ୍ଜୀକରଣ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି ନିର୍ଣ୍ଣୟ ହୋଇଥାଏ । ବାସ୍ତବରେ ସରକାରଙ୍କ ରାଜସ୍ୱ ବିଭାଗ ପ୍ରତି ବର୍ଷ ବା ଦୁଇ ତିନି ବର୍ଷରେ ଥରେ ସେ ସମୟର ବଜାର ସ୍ଥିତିକୁ ଦେଖି ସର୍କଲ ରେଟ୍ ନିର୍ଦ୍ଧାରଣ କରିଥାନ୍ତି ।

ଅନେକଙ୍କ ଭିତରେ ପ୍ରଶ୍ନ ଉଙ୍କି ମାରୁଥିବ ଯେ ସର୍କଲ ରେଟ୍ କିଭଳି ନିର୍ଣ୍ଣୟ ହୁଏ ? ଏହାର ସରଳ ଉତ୍ତରଟି ହେଉଛି ସରକାର ଏହି ସର୍କଲ ରେଟ୍ ନିର୍ଦ୍ଧାରଣ କଲା କ୍ଷେତ୍ରରେ ଅନେକ ଦିଗକୁ ଦେଖିଥାନ୍ତି, ବିଶେଷଜ୍ଞଙ୍କ ପରାମର୍ଶ ପରେ ଅନୁଶୀଳନ ହୋଇଥାଏ । ସମ୍ପତ୍ତିର ଲୋକେସନ ବା ଅବସ୍ଥିତି ପ୍ରସଙ୍ଗଟି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ଦିଗ । ଏହା ନିଃସନ୍ଦେହ ଉନ୍ନତ ସଂଯୋଗ, ପାନୀୟଜଳ, ଉନ୍ନତମାନର ରାସ୍ତା ଓ ଭିତ୍ତିଭୂମି ଯେଉଁ ଅଞ୍ଚଳରେ ଅଧିକ ସହାୟକ ଓ ଉପଯୋଗୀ ଭାବେ ସାବ୍ୟସ୍ତ ହୋଇଥାଏ ଏହାର ଗୁରୁତ୍ୱ ଅଧିକ ବଢ଼େ । ସେହିପରି ଅନ୍ୟ ଏକ ଦିଗଟି ହେଉଛି ଆବାସିକ କ୍ଷେତ୍ର, ସେହିପରି ବାଣିଜ୍ୟିକ ଠାରୁ ଶିଳ୍ପାଞ୍ଚଳ ପାଇଁ ଭିନ୍ନ ଭିନ୍ନ ହାର ନିର୍ଦ୍ଧାରଣ କରାଯାଇଥାଏ । ଏ ସବୁ ଭିତରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଏହାର ମାଲିକାନା । ଅର୍ଥାତ୍ ଫ୍ରିହୋଲଡ୍ ଓ ଲିଜହୋଲଡ୍ ସମ୍ପତ୍ତିର ମଧ୍ୟ ହାର ସମାନ ହେବାରେ କିଛି ମାନେ ନାହିଁ, ଭିନ୍ନ ହୋଇପାରେ । ଏହାସହିତ ଅନ୍ୟ ଏକ ଦିଗଟି ହେଉଛି ଅଞ୍ଚଳଟି ଯଦି ବିଦ୍ୟାଳୟ, ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ, ଡାକ୍ତରଖାନା, ବଜାର ଭଳି ଉନ୍ନତ ଓ ସବୁ କ୍ଷେତ୍ରର ଉଚ୍ଚମାନର ମୌଳିକ ସୁବିଧା ଥାଏ ତେବେ ଏହା ମଧ୍ୟ ପରୋକ୍ଷରେ ପ୍ରଭାବିତ କରେ । ଛୋଟ କିମ୍ୱା ପୁରୁଣା ସମ୍ପତ୍ତିର ହାର ଭିନ୍ନ ଥାଇପାରେ ।



ଯେଉଁମାନେ ରିୟଲ ଇଷ୍ଟେଟ ବଜାର କ୍ଷେତ୍ରରେ ପୁଞ୍ଜି ଲଗାଇଛନ୍ତି ସେମାନେ ସର୍କଲ ରେଟ୍‌କୁ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି । ସର୍କଲ ରେଟ୍ ସମୟ ସମୟରେ ରିୟଲ ଇଷ୍ଟେଟର ବଜାରକୁ ଦେଖି ନିର୍ଦ୍ଧାରିତ ହୋଇଥାଏ । ସମସ୍ତେ ଭଲ ଭାବେ ଜାଣନ୍ତି ଯେଉଁଠି ଚାହିଦା, ସେହିଠି ଚଢ଼ା ରେଟ୍ । ଆଉ ଯେଉଁଠି ଚାହିଦା ପଛୁଆ ଦରଦାମ ମଧ୍ୟ ପଛୁଆ ଅର୍ଥାତ୍ କମିଯାଏ । ହଁ, ଏଇଠି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସମ୍ପର୍କରେ ଉଲ୍ଲେଖ କରୁଛୁ । କେତେକ କ୍ଷେତ୍ରରେ ମୂଲ୍ୟକୁ କମ ଦର୍ଶାଇ ସରକାରଙ୍କ ଷ୍ଟାମ୍ପ ଡ୍ୟୁଟିରୁ ଖସିଯିବାକୁ ଯେଉଁ କ୍ରେତା ଓ ବିକ୍ରେତା କରୁଥାନ୍ତି ଏହା ଦଣ୍ଡନୀୟ ଅପରାଧ ଅନ୍ତର୍ଗତ ।

ଅସଲ କଥା ହେଉଛି ସାଧାରଣତଃ ଭାରତର ବ୍ୟାଙ୍କ ବ୍ୟବସ୍ଥା ଯାହା ସେମାନେ ସର୍କଲ ରେଟ୍ ଓ ପ୍ରକୃତ ଦାମ ଦ୍ୱାରା ସ୍ଥିର କରାଯାଇଥିବା କମ ମୂଲ୍ୟ ଉପରେ ଋଣ ନିର୍ଣ୍ଣୟ କରନ୍ତି । ଆଉ ଗୋଟିଏ ମନେରଖିବା କଥା ଯଦି ଜଣଙ୍କର ସର୍କଲ ରେଟ୍ କମ ରୁହେ ତେବେ ତାଙ୍କର ଋଣ ନେବାର ଯୋଗ୍ୟତା ନିଶ୍ଚିତ ଭାବରେ କମିଯିବ । ଏହାର ପରିଣତି ସ୍ୱରୂପ ଅଧିକ ଡାଉନ ପେମେଣ୍ଟ ଦେବାକୁ ପଡ଼ିପାରେ । ଏହା ବ୍ୟତୀତ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ମଧ୍ୟ ଏହି ଆଧାରକୁ ଦେଖି ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ । ଶେଷରେ ଗୃହ ଋଣ ପାଇଁ ଯୋଗ୍ୟତା ନିର୍ଣ୍ଣୟ ନିର୍ଦ୍ଧାରଣ କରାଯାଏ । ତେଣୁ ଯଦି ସମ୍ପତ୍ତି ବାଡ଼ି କିଣୁଛନ୍ତି ତେବେ ସର୍ବପ୍ରଥମେ ସର୍କଲ ରେଟ୍ ସମ୍ପର୍କରେ ବୁଝନ୍ତୁ ନ ହେଲେ ପରେ ପସ୍ତେଇବେ । ଧନକ୍ଷୟ, ଧାଁ ଧଉଡ, ଅସ୍ତବ୍ୟସ୍ତ ଭିତରେ ଆଇନ କାନୁନ କଥା ଶେଷରେ ମାନସିକ ଚିନ୍ତାଗ୍ରସ୍ତ ହେବେ ଯେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥିବ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୧୬୩୫୨୮**

# ଡାଏଟିଂ



**ବର୍ତ୍ତମାନର ସମୟ, ଖାଇବା ପାଇଃ ଚାହୁଁଛନ୍ତି ହେଲେ ଖାଇବାର ପରବର୍ତ୍ତ୍ୟ ସ୍ୱାସ୍ଥ୍ୟ ସତର୍କତା କାରଣକୁ ନେଇ ବହୁତ କିଛି ଭାବିବା ପାଇଁ ପଡୁଛି। ଏମିତିରେ କହିବାକୁଗଲେ ଆଜିର ସୋସିଆଲ ମିଡ଼ିଆ ଯୁଗରେ ଲୋକପ୍ରିୟ ଶବ୍ଦଟି ହେଉଛି ଡାଏଟିଂ ବାସ୍ତବ ଅର୍ଥରେ ଡାଏଟିଂ ଏହାକୁ ବୁଝିବା ହିଁ ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ। ଅସଲ କଥା ହେଉଛି ଆସନ୍ତୁ ବୁଝିବା ଡାଏଟିଂର ଅର୍ଥଟି କ'ଣ। ଅନେକ ଏହାକୁ ଭୁଲ ବୁଝନ୍ତ। ଏହାର ଅର୍ଥ ହେଉଛି ସୁଷମ, ଓ ସନ୍ତୁଳିତ ଖାଦ୍ୟ ଖାଇବାର ପ୍ରକ୍ରିୟା। ଓଜନ ହ୍ରାସ ଠାରୁ ସ୍ୱାସ୍ଥ୍ୟ ପୋଷଣ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ହେଉଛି ଡାଏଟିଂ ।**

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ସଠିକ ଭାବରେ, ସଠିକ ଖାଦ୍ୟ ଏବଂ ସୁଷମ ଭାବନା ରଖିଲେ ଖାଦ୍ୟର ସୁପ୍ରଭାବ ଶରୀର ଉପରେ ନିଶ୍ଚିନ୍ତ ଭାବରେ ପଡ଼ିଥାଏ। କିନ୍ତୁ ଖାଦ୍ୟର ପରିମାଣ, ଖାଇବା ସମୟ ଟିକିଏ ବି ଅଳମବିଳମ ହୋଇଗଲେ ଏହାର ପ୍ରତିକ୍ରିୟା ସ୍ୱରୂପ ଶାରୀରିକ ସମସ୍ୟା ଦେଖାଇଥାଏ। ଡାଏଟିଂର ଅନେକ ସଫଳତା ରହିଛି। ଏହା କେବଳ ଓଜନ ନିୟନ୍ତ୍ରଣ କରି ନଥାଏ ବରଂ ଉତ୍ତମ ପରିପାକ, ପାଚନ ଉନ୍ନତ ଶକ୍ତ ସର୍ବୋପରି ଉଚ୍ଚରକ୍ତ ଚାପ ଓ ମଧୁମେହକୁ ଏହା ନିୟନ୍ତ୍ରିତ କରିଥାଏ। ସେହିପରି ଅନୁପଯୁକ୍ତ ଡାଏଟିଂ ଶରୀର ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ ଯଥା ମନ ଚେତନାରେ ପରିବର୍ତ୍ତନ, ଶରୀରରେ ଦୁର୍ବଳତା ରୋଗ ପ୍ରତିରୋଧକ ଶକ୍ତି କମିଯିବାର ସମ୍ଭବାନ, ଥକ୍କା ପଣ ଓ ପୁଷ୍ଟିକର ତତ୍ତ୍ୱର ଅଭାବ।

ଡାଏଟିଂର ଆବଶ୍ୟକତାକୁ ଆମେ ଆସନ୍ତୁ ସର୍ବପ୍ରଥମେ ଆରମ୍ଭ କରିବା ପିଲାମାନଙ୍କୁ ନେଇ। ଆସନ୍ତା କାଲିର ସ୍ୱପ୍ନ ସମ୍ଭାବନା ଭାବୁଥିବା ପିଲାମାନଙ୍କ ପାଇଁ ଡାଏଟିଂର ବଡ଼ତତ୍ତ୍ୱ ହେଉଛି ଏହା ସେମାନଙ୍କ ମାନସିକ ଓ ଶାରୀରିକ କ୍ଷେତ୍ର ପାଇଁ ସୁଷମ ଓ ସନ୍ତୁଳିତ ପୁଷ୍ଟିକର ଖାଦ୍ୟ ତତ୍ତ୍ୱ ଯୋଗାଇଥାଏ। ପିଲାମାନଙ୍କୁ ପ୍ରାଥମିକ ଭାବେ ଘରୋଇ ଖାଦ୍ୟ ଦିଅନ୍ତୁ। ସେମାନେ କ୍ଷୀର ଓ ଡାଲିର ପ୍ରୋଟିନ ପାଇଥାନ୍ତି ସେହିପରି ଭାତ ଓ ରୁଟିର କାର୍ବୋହାଇଡ୍ରେଟ ପାଇଥାନ୍ତି। ଫଳ ଓ ପନିପରିବା ସେମାନଙ୍କୁ ଫାଇବରଯୁକ୍ତ ପୋଷଣ ଯୋଗାଇଥାଏ। ପିଲାମାନଙ୍କୁ ଅତ୍ୟଧିକ ଡଉଲଡାଉଲ କରିବା ପାଇଁ ଅଧିକ ଖାଦ୍ୟ ଦିଅନ୍ତୁ ନାହିଁ। ବିଶେଷକରି ଜଙ୍କ ଫୁଡ୍, ଥଣ୍ଡାଖାଦ୍ୟ, ବାହାର ଖାଦ୍ୟ ଆଦୌ ହିଁ ନାହିଁ।

କିଶୋର ମାନଙ୍କ ଡାଏଟିଂ ବଡ଼ ଆହ୍ୱାନ ପ୍ରାୟତଃ ଏହି ବୟସରେ ହିଁ ସେମାନଙ୍କର ଶାରୀରିକ ବୃଦ୍ଧି ଦ୍ରୁତ ଭାବରେ ଆଗେଇ ଥାଏ। ସେମାନଙ୍କର ହରମୋନ ପରିବର୍ତ୍ତ ଏହି ସମୟରେ ଅଧିକ ଆବେଗପୂର୍ଣ୍ଣ ଓ ତୀବ୍ର ହୋଇଥାଏ। ସେମାନେ ତଟକା ଓ ସବୁଜ ପନିପରିବାରୁ ଲୌହ ସାର ପାଇଥାନ୍ତି। କ୍ଷୀର ଓ ଦହିରୁ କ୍ୟାଲସିୟମ, ଡାଲି ଓ ଅଣ୍ଡାରୁ ପ୍ରୋଟିନ ପାଇଥାନ୍ତି। ଏହି ସମୟରେ ସେମାନଙ୍କ ପାଇଁ ଗଜା ମୁଗ, ଗଜା ବାଦାମ, ଗଜା ବୁଟ ସବୁଠାରୁ ଭଲ। ତେବେ ଥଣ୍ଡା ପାନୀୟ ଓ ପ୍ୟାକେଟ ଚିପ୍ସ ବଜାରର ରଙ୍ଗ ଯୁକ୍ତ ଖାଦ୍ୟ ବିଶେଷକରି ମାଦକ ଦ୍ରବ୍ୟ ଅତ୍ୟନ୍ତ ଘାତକ।

ବୟସ୍କ ବ୍ୟକ୍ତିମାନେ ହେଉଛି ଆମ ସମାଜର ମୂଲବାନ ସମ୍ପତ୍ତି। ଏହି ସମୟରେ ସେମାନଙ୍କର ପରିପାକ ସମସ୍ୟା ଦେଖାଇଥାଏ ସେମାନେ ଭଲ ଭାବରେ ହଜମ କରିପାରି ନଥାନ୍ତି ଏବଂ ସେମାନେ ପ୍ରାୟତଃ ଭୋକ ଅନୁଭବ କରନ୍ତି ନାହିଁ। କିନ୍ତୁ ଶରୀରର ଗଠନ ତତ୍ତ୍ୱ ଓ ପରିପୋଷଣ ପାଇଁ ଖାଦ୍ୟ ଜରୁରୀ ଆବଶ୍ୟକତା ରହିଛି। ସେମାନଙ୍କୁ ଘରୋଇ ପ୍ରସ୍ତୁତ ଖେଚିଡ଼ି ଋତୁକାଳୀନ ଫଳ ସବୁଠାରୁ ଭଲ। ଅତ୍ୟଧିକ ମିଠା, ଆମିଷ, ଗରିଷ୍ଠ ଖାଦ୍ୟ ଏବଂ ମାଦକ ଦ୍ରବ୍ୟ ପରିହାର କରିବା ସବୁଠାରୁ ଭଲ। ତେବେ ସେମାନଙ୍କ ପୋଷଣ ତତ୍ତ୍ୱକୁ ଦେଖି ଘିଅ, ସୋରିଷ ତେଲ, କ୍ଷୀର ସବୁଠାରୁ ଭଲ।

ଗର୍ଭାବସ୍ଥାରେ ଡାଏଟିଂର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ସମୟରେ ଓଜନ କମାଇ ପାଇଁ ଗର୍ଭବତୀ ମାଆମାନେ ଡାଏଟିଂ କରିବା ଆଦୌ ନୁହେଁ ବରଂ ଉଭୟ ମାଆ ଓ ଗର୍ଭରେ ଥିବା ପିଲାଟି ପାଇଁ ପୁଷ୍ଟିକର ଖାଦ୍ୟ ଉପରେ ଧ୍ୟାନ ଦେବା ଜରୁରୀ। ଗର୍ଭବତୀ ମାଆ ମାନଙ୍କ ପାଇଁ ସେମାନଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟରେ ସବୁଜ ପନିପରିବା, ପ୍ରୋଟିନ ବିଶେଷକରି ଲୌହ ଯୁକ୍ତ ଖାଦ୍ୟ ଦିଅନ୍ତୁ। ଋତୁକାଳୀନ ପରିବାକୁ ମିଶାଇ ଡାଲମା, ଡାଲି ଓ ବିଭିନ୍ନ ପନିପରିବାର ସନ୍ତୁଳା ସେମାନଙ୍କ ଶରୀରକୁ ସୁସ୍ଥତାକୁ ବଢ଼ାଇଥାଏ। ଗର୍ଭବସ୍ଥାରେ ଜଣେ ମହିଳା ଦୁଇଜଣଙ୍କ ପାଇଁ ଖାଦ୍ୟ ଗ୍ରହଣ କରିଥାଏ। ତେଣୁ ଠିକ ପରିମାଣରେ ନିର୍ଦ୍ଧାରିତ ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ କିନ୍ତୁ ଅଧିକ ପରିମାଣର ନୁହେଁ।



ପିଲାମାନଙ୍କୁ ସ୍ତନ୍ୟପାନ କରୁଥିବା ସମୟରେ ମାଆ ମାନଙ୍କର ଡାଏଟିଂର ଭାବନା କେବଳ ଭାବ ପୂର୍ଣ୍ଣ ନୁହଁ ବରଂ ସ୍ୱାସ୍ଥ୍ୟ ଉପଯୋଗୀ ହେବା ଜରୁରୀ। କାରଣ ଏହି ସମୟରେ ମାଆଟି ଯେଉଁ ଖାଦ୍ୟ ଖାଇଥାଏ ପରୋକ୍ଷରେ ଏହା ଉଭୟ ଶିଶୁ ଓ



ମାଆର ଶାରୀରିକ ଓ ମାନସିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ। ଖାଦ୍ୟ ଗ୍ରହଣକରିବାର ପ୍ରତିବନ୍ଧକକୁ ବରଂ ବଡ଼ ନୁହେଁ କିନ୍ତୁ ଯାହା କିଛି ପୋଷଣ ଯୁକ୍ତ ଏହାକୁ ହିଁ ଗ୍ରହଣ କରନ୍ତୁ। ସବୁଜ ପନିପରିବା, ବିଭିନ୍ନ ଶାଗ, ଫଳ ମେଥି, ରସୁଣ, ଲାଉ, ଏସବୁ ମାଆର କ୍ଷୀର ପ୍ରସ୍ତୁତି କରିବା ପାଇଁ ପ୍ରୋତ୍ସାହିତ କରିଥାଏ। ବିଶେଷ କରି ଯଦି ଗ୍ରୀଷ୍ମଋତୁ ହୋଇଥାଏ ତେବେ ଘରୋଇ ପ୍ରସ୍ତୁତ ପାନୀୟ ଓ ପ୍ରଚୁର ପାଣି ପିଅନ୍ତୁ।

ଡାଏଟିଂର ଆବଶ୍ୟକତା ଅନେକଙ୍କ ପାଇଁ ଏକ ବଡ଼ ଚିନ୍ତା ଓ ଆଶା ଆଶଙ୍କା ହୋଇଥାଏ। ତେଣୁ ଶରୀରକୁ ସୁସ୍ଥ ଓ ଫିଟ ରଖି ଓଜନ ହ୍ରାସ ସହିତ ଜୀବନକୁ ଆଗେଇ ନେବା ପାଇଁ ଏକ ଭଲ ରୁଟିନ ବନ୍ଧା ଖାଦ୍ୟ ବ୍ୟବସ୍ଥା ପାଇଁ ନିଜେ ହିଁ ନିଜର ଖାଦ୍ୟ ରୁଟିନ ତିଆରି କରନ୍ତୁ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼,**
**ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ମୁଁ ଯେ ହେଇଗଲି କଳାକାର: ସତ୍ୟ ଦାସ





କାହାର ବା ଇଚ୍ଛା ନଥାଏ, ପୁଅ ପାଠପଢ଼ି ଡ଼ାକ୍ତର, ଇଞ୍ଜିନିୟର କି ବଡ଼ ଚାକିରି କରୁ। କିନ୍ତୁ କିଏ ବା ଚାହେଁ ପୁଅ ପାଠପଢ଼ି କଳାକାର ହେଉ। ଆଜି ବି କଳା ପ୍ରତି ଶିକ୍ଷିତ ବାପାମାଆଙ୍କର ମାନସିକତା ସମ୍ପୂର୍ଣ୍ଣ ଭାବରେ ବଦଳିନାହିଁ। ଯେଉଁମାନେ ନିଜ ପିଲାଙ୍କୁ ବଡ଼ ବଡ଼ ଶିକ୍ଷାନୁଷ୍ଠାନରେ ପାଠ ପଢ଼େଇଥାନ୍ତି, ସେମାନେ ମଧ୍ୟ ଉଚ୍ଚାଭିଳାଷୀ ହୋଇ ପିଲାଙ୍କୁ ବଡ଼ ଚାକିରି କରିବାର ସ୍ୱପ୍ନ ଦେଖାନ୍ତି। ପୁଅ ପାଠ ପଢୁ ପାଞ୍ଚ ଜଣକରେ ଜଣେ ହେଉ, ଉଚ୍ଚ ବେତନଭୋଗୀ ହୋଇ ସମାଜର ଉଦାହରଣ ସୃଷ୍ଟି କରୁ ବୋଲି ସମସ୍ତେ ଚାହୁଁଥିବାବେଳେ କିଏ ବା କାହିଁକି ଚାହିଁବ ତାଙ୍କ ପୁଅ ନାଟୁଆ ହେଉ। ମୁହଁରେ ରଙ୍ଗ ମାଖି ଅଭିନୟ କରୁ। କିନ୍ତୁ ଆଜି ବି ସମାଜରେ ଏମିତି ବ୍ୟକ୍ତିତ୍ୱ ରହିଛନ୍ତି, ଯିଏ କି ଦୁନିଆର ସବୁ ଜିନିଷ ତୁଚ୍ଛ କରି କେବଳ କଳାକୁ ନେଇ ବଞ୍ଚିବାକୁ ଚାହାନ୍ତି। ସେମିତି ଜଣେ ସଚ୍ଚା ନିର୍ଭେଜାଲ କଳାକାର ହେଲେ ସତ୍ୟ ଦାସ, ଯାହାକୁ ଆମ ଅପେକ୍ଷା ଆପଣମାନେ ଅଧିକ ଜାଣିଛନ୍ତି। ଦିନେ ସିରିଏଲ ମାଧ୍ୟମରେ ଘରେ ଘରେ ପରିଚିତ ଥିଲେ, ଆଜି ଯାତ୍ରା ମାଧ୍ୟମରେ ପ୍ରତ୍ୟେକ ହୃଦୟରେ ଘର ତୋଳିପାରିଛନ୍ତି। ଆପଣ ତାଙ୍କୁ ଥରେ କି ଦୁଇଥର ନୁହେଁ ହଜାର ହଜାର ଥର ଟିଭି ପରଦାରେ ଦେଖିଛନ୍ତି ସିରିଏଲ ମାଧ୍ୟମରେ। ତାଙ୍କ ଅଭିନୟ ଦେଖିବା ପାଇଁ ଟିଭି ପାଖରେ ଘଣ୍ଟାରେ ଆର୍ଲାମ ଦେଇ ବସି ରହିଛନ୍ତି। କାହାଣୀ କୁଆଡ଼େ ଯିବ ଓ ସତ୍ୟ ଦାସ କିଭଳି କାହାଣୀର ମୋଡ଼ ବଦଳିବା ସହିତ ଅଭିନୟର ଆଭିଜାତ୍ୟକୁ ବଜାୟ ରଖିବେ, ସେଥିପାଇଁ ମଧ୍ୟ ଆପଣମାନେ ବ୍ୟାକୁଳ ହୋଇପଡ଼ିଛନ୍ତି।

ଦିନଥିଲା ବାପା ଯଦିଓ କଳାକୁ ଭଲ ପାଉଥିଲେ, କିନ୍ତୁ ତାଙ୍କ ପୁଅ କଳାକାର ଭାବରେ ନିଜର ଜୀବନ ଜୀବିକା ରାସ୍ତାରେ ବେସାହାରା ନହେଉ ଭାବି ବିରୋଧ କରିଥିଲେ। କ୍ୟାରିୟର ପାଷ୍ଟ୍ କ୍ଲାସ୍ ଥିବା କାରଣରୁ ସତ୍ୟଙ୍କୁ ତାଙ୍କ ବାପା ପାଠ ପଢ଼ିବାକୁ ତାଗିଦ କରୁଥିଲେ। ସେତେବେଳେ ସତ୍ୟଙ୍କ ମନ ଭିତରେ କଳାକାର ହେବାର ଆଶା ବାନ୍ଧି ସାରିଥାଏ। ପାଠପଢ଼ି ସାରିବା ପରେ ସେ ଓଡ଼ିଆ କଳାଜଗତରେ ପ୍ରବେଶ କରିଥିଲେ। ଆସିଷ୍ଟାଣ୍ଟ ଡାଇରେକ୍ଟର, ସଂଳାପ ଲେଖକ ଭାବରେ ସିରିଏଲରେ କାମ କରିବା ପରେ ଛୋଟମୋଟ ରୋଲ୍ ସିନେମାରେ ମିଳୁଥିଲେ ବି ସେ କରୁ ନଥିଲେ। ଶେଷରେ ସେ ସିରିଏଲରେ ଏଣ୍ଟ୍ରି କରିଥିଲେ। ସକାଳେ ସୂର୍ଯ୍ୟ, ଶ୍ରାବଣୀ, ତୁଳସୀ, ଅପା, ଦାମିନୀ, ସିନ୍ଦୂର, ଜୀବନ ଯମୁନାରେ ଜୁଆର ଉଠେରେ, ସିନ୍ଦୂର ବିନ୍ଦୁ, ତାରିଣୀ ଆଖିରେ ତାରା ଭଳି ସିରିଏଲରେ ଅଭିନୟ କରିବା ପରେ ସେ ଯାତ୍ରାକୁ ଓହ୍ଲାଇଥିଲେ। ପ୍ରଥମେ ସେ ତୁଳସୀ ଗଣନାଟ୍ୟରେ ଅଭିନୟ କରିବା ପରେ କଳିଙ୍ଗ, ଧଉଳି, ସାଇସମ୍ରାଟ ଭଳି ଯାତ୍ରାନୁଷ୍ଠାନରେ ନିଜ କ୍ୟାରିୟରର ଲମ୍ବା ଇନିଂସି ଖେଳୁଛନ୍ତି ସିନା କେବେ ପଛକୁ ଫେରି ଚାହିଁନାହାନ୍ତି। ବଗଦା, ଅଭଣା, ବିଷ୍ଣୁପୁର, ବାଲେଶ୍ୱରରୁ ଯେଉଁ ମହକ ଟିକକୁ ବିଞ୍ଚି ଦେଇଛନ୍ତି, ଆଜି ତାହା ମହମହ ହୋଇ ଓଡ଼ିଶା ସାରା ବାସୁଛି।

ରୁଷନା ଲୋ ମୋ ସୁନାଭଉଣୀ, ଲୁହରେ ଲୁହରେ ଲଭଷ୍ଟୋରୀ, ସୀତା ଦେବେ ଆଜି ଅଗ୍ନିପରୀକ୍ଷା, କଳଙ୍କ ମୋ ପାଇଁ ଚନ୍ଦନଟିପା, କହ୍ନେଇ ରାଜା ମୋ ବାଇଦବଜା, ପୀରତି ହାଟରେ ପ୍ରୀତି ମାଗଣା, ମାୟାଜାଲ, ସରିଗଲା ରାତି ସରୁନି ଗପ, ରଜାଝିଅ ତମେ କଣ କଲ, ସୁନ୍ଦରୀଙ୍କ ହସ ଦେଖିବ ଆସ, ଯେଉଁଠି ଥିଲେ ବି ତୁ ମୋର, ଦେବଦାସ ହେବି ତମରି ପାଇଁ, ତମେ ଚାଲିଗଲା ପରେ, ବନ୍ଧୁ ପ୍ରେମ ହେବ ନିଆରା ନିଆରା ଆଦି ନାଟକରେ ସତ୍ୟ ଯେଭଳି ଭାବରେ କରିସ୍ମା ଦେଖାଇଛନ୍ତି, ତାହା ଆଖିରେ ନଦେଖିଲେ ବିଶ୍ୱାସ କରିହେବନାହିଁ।



'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com